# ଏସ୍‌ପି କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

**ପୋଡ଼ାଡିହରେ ଯୁବକଙ୍କୁ ଆକ୍ରମଣ ଘଟଣା**

- ସୋସିଆଲ ମିଡିଆରେ ହତ୍ୟା ଧମକ
- ମାମଲା ରୁଜୁକରି ପୋଲିସ ନୀରବଦ୍ରଷ୍ଟା

ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)

ବାଘମାରୀ ଥାନା ଅଧୀନ ପୋଡ଼ାଡିହ ଗ୍ରାମର କୃପାସିନ୍ଧୁ ଜେନାଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ଗ୍ରାମବାସୀ ଦାୟୀ କରିଛନ୍ତି। ଅଭିଯୁକ୍ତମାନେ ସୋସିଆଲ ମିଡିଆରେ ହତ୍ୟା ଧମକ ଦେଉଥିବା ବେଳେ ପୋଲିସ ମାମଲା ରୁଜୁକରି ନୀରବଦ୍ରଷ୍ଟା ସାଜିଛି ବୋଲି ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ମଙ୍ଗଳବାର ଗ୍ରାମବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ କରିଥିଲେ।

ଅଭିଯୋଗ ପ୍ରକାରେ, ପୋଡ଼ାଡିହ ଗ୍ରାମର ଏକ ସାହିରେ ଦଶହରା ପର୍ବ ଉପଲକ୍ଷେ ଗତ ୧୦ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ସାହିର ମହିଳା ପୁରୁଷମାନେ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ଅନ୍ୟସାହିର



ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୩ଜଣ ଯୁବକ ସେଠାରେ ପହଞ୍ଚି ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଗ୍ରାମ ଶାନ୍ତି କମିଟି ସଦସ୍ୟ କୃପାସିନ୍ଧୁ ଏହାର ପ୍ରତିବାଦ କରିବାରୁ ଯୁବକମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଚେୟାର ଫିଙ୍ଗାଫୋପଡ଼ା କରି ଯୁବକମାନେ ସେଠାରୁ ପଳାଇଥିଲେ। ଏହାର କିଛି ସମୟ ପରେ ଉକ୍ତ ସାହିର ଆକ୍ରମଣକାରୀଙ୍କ କିଛି ସମର୍ଥକ ତାଙ୍କୁ ଟେକିନେଇ ନିସ୍ଠୁକ ମାଡ଼ ମାରିବା ସହ କାଚବୋତଲ ଭୁସି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଏନେଇ କୃପାସିନ୍ଧୁ ଥାନାରେ ଅଭିଯୋଗ କରିଥିଲେ। ତେବେ ପୋଲିସ ମାମଲା ରୁଜୁକରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ସେପଟେ ଅଭିଯୁକ୍ତମାନେ ସୋସିଆଲ ମିଡିଆରେ ହତ୍ୟା ଧମକ ଦେଉଛନ୍ତି ବୋଲି ଏସ୍‌ପିଙ୍କୁ ଗ୍ରାମବାସୀ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ବାଘମାରୀ ପୋଲିସର ନୀରବତା ଉପରେ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ କହିଛନ୍ତି।

## ଲୁଟେରାଙ୍କ ଟେର୍ ପାଉନି ପୋଲିସ

ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଚୋରି, ଲୁଟ୍, ଡକାୟତି ଦିନକୁଦିନ ବଢ଼ିଚାଲିଛି। ଜିଲା ରାତ୍ରି ପାଟ୍ରୋଲିଂ ଏବଂ ତଦନ୍ତରେ ଶିଥିଳତା ଯୋଗୁ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ଗତ ଶନିବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ସାମନ୍ତରାୟ ସୁଇଟ୍ସ ଓ ଭେରାଇଟି ଷ୍ଟୋର ଦୋକାନର କବାଟ ଭାଙ୍ଗି ଲୁଟେରାମାନେ ୨୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଚୋରି କରି ନେଇଛନ୍ତି। ଏନେଇ ଦୋକାନ ମାଲିକ ଭାଲିଆବାଡ଼ି ଗ୍ରାମର ଶଶିକାନ୍ତ ସାମନ୍ତରାୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଠିକ ସେହିପରି କିଛିଦିନ ପୂର୍ବେ ଖୋର୍ଦ୍ଧା ଶକୁନ୍ତଳା ମାର୍କେଟ କମ୍ପ୍ଲେସ ନିକଟରେ ଥିବା ଏକ କେକ ଦୋକାନରୁ ଲୁଟେରାମାନେ ଏସି କମ୍ପ୍ରେସର ଚୋରି କରି ନେଇଥିଲେ। ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତମାନଙ୍କ ଟେର ପାଉନି ପୋଲିସ। ଫଳରେ ଦିନକୁ ଦିନ ଖୋର୍ଦ୍ଧା ସହର ଏବଂ ଏହାର ଆଖପାଖ ଅଞ୍ଚଳରେ ଲୁଟେରାଙ୍କ ପାର୍ଦୁଭାବ ବଢ଼ିଚାଲିଛି। ଏ ସମ୍ପର୍କରେ ଏସ୍‌ପି ଦୃଷ୍ଟି ଦେବା ସହ ଖୋର୍ଦ୍ଧା ସହରରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

# ଟାଙ୍ଗୀରେ ୧୮ ଟିକିଆ ହାତୀପଲ



ନିରାକାରପୁର,୧୫।୧୦
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗିରହିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ପାଚେରି ଓ ଘର ଭାଙ୍ଗୁଛନ୍ତି। ଦୀର୍ଘବର୍ଷ ହେବ ୨୨ଟିକିଆ ହାତୀପଲ ଏହି ବନାଞ୍ଚଳରେ ରହିଥିବା ବେଳେ ଚଳିତମାସ ଆରମ୍ଭରୁ ଆଉ ୧୮ଟି ହାତୀ ଗଞ୍ଜାମ ଜିଲାରୁ ଦଶପଲ୍ଲା, ବର୍ବରା, ଧୂଆଁନଳୀ ଦେଇ ଟାଙ୍ଗୀ ବନାଞ୍ଚଳ ଅଞ୍ଚଳରେ ପହଞ୍ଚିଛନ୍ତି ବୋଲି ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଏହି ୧୮ଟିକିଆ ହାତୀପଲଙ୍କ ମଧ୍ୟରେ ୬ଟି ଦନ୍ତା, ୬ଟି ମାଈ ଓ ୬ଟି ଛୁଆହାତୀ ରହିଛନ୍ତି।

ଏହି ବନାଞ୍ଚଳ ଅଧୀନ ଅଚ୍ୟୁତପୁର ଜଙ୍ଗଲରେ ଗଞ୍ଜାମରୁ ଆସିଥିବା ହାତୀପଲ ରହିଥିବା ବେଳେ ନାଲସିଂହ ଓ ଜଗନ୍ନାଥପୁର ଅଞ୍ଚଳରେ ୨୨ଟିକିଆ ହାତୀପଲ ରହିଥିବା ସୂଚନା ମିଳିଛି। ଫଳରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଭୟଭୀତ ହୋଇପଡ଼ିଛନ୍ତି। ସନ୍ଧ୍ୟା ହେଲେ ଗାଁ ରାସ୍ତା ଶୂନଶାନ ହୋଇପଡୁଛି। ଭୟରେ କେହି ଘରୁ ବାହାରୁ ନାହାନ୍ତି। ହାତୀପଲଙ୍କୁ ଘଉଡାଇବା ସହିତ ଚାଷୀ ଏବଂ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।

## ସର୍ବଭାରତୀୟ ମହାବୀର ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ

**ଟାଙ୍ଗୀ,୧୫।୧୦(ରଘୁନାଥ ସାହୁ):** ଟାଙ୍ଗୀ ବ୍ଲକ କୁହୁଡ଼ି ମହାବୀର ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସର୍ବଭାରତୀୟ ମହାବୀର ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବୀର ଆଥ୍‌ଲେଟିକ ଆସୋସିଏଶନ ହଲ୍‌ଠାରେ ଅନୁଷ୍ଠିତ ବୈଠକରେ ଶ୍ରୀବସ୍ତ ପରିଡ଼ା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ମନୋଜ କୁମାର ମାନସିଂହ ପରିଚାଳନା କରିଥିଲେ। ଗତବର୍ଷର ଆୟବ୍ୟୟ, ନୂତନ ମେମ୍ବରଙ୍କୁ ଯୋଗଦେବା, ରାଜ୍ୟ ବାହାରୁ ନୂଆ ଟିମ୍ ଆଣିବା, ମେମ୍ବର ଫିସ୍ ଏବଂ ଚଳିତ ଟୁର୍ନାମେଣ୍ଟର ସୁପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ କୌଣସି ଦଳ ଭାଗନେବା ପାଇଁ ଇଚ୍ଛୁକ ଥିଲେ ଯୋଗାଯୋଗ କରିବାକୁ ସମ୍ପାଦକ ମନୋଜ କୁମାର ମାନସିଂହ ଅନୁରୋଧ କରିଛନ୍ତି। ଦିଲୀପ କୁମାର ମହାନ୍ତି, ସଞ୍ଜୟ ସ୍ୱାଇଁ, ଲୁଲୁ ମହାପାତ୍ର, ରମେଶ ନାଇଡୁ, ହରି ସାମନ୍ତରାୟ, ବିଭୂତି ଚମ୍ପତି, କେଦାର ପାତାଳସିଂହ, ରତ୍ନାକର ସାମନ୍ତରାୟ, ହେମନ୍ତ ଜେନା, ବିପିନ ଉଦୟସିଂହ, ଭୀମସେନ ରାଉତରାୟ, ସର୍ବେଶ୍ୱର ପାତ୍ର, ବିରଞ୍ଚି ନାରାୟଣ ସାମନ୍ତସିଂହାର, ଅପର୍ତ୍ତି ବେହେରା, ଆନନ୍ଦ ରାଓ, ରାମଚନ୍ଦ୍ର ନାଇଡୁ, ଶ୍ୱେତ ମେକାପ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଶାଳିଆ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ

ବାଣପୁର,୧୫।୧୦
(ଦିଲୀପ କୁମାର ସ୍ୱାଇଁ)

ଜିଲାପାଳ ଚଞ୍ଚଳ ରାଣା ମଙ୍ଗଳବାର ବାଣପୁର ବ୍ଲକ ଅନ୍ତର୍ଗତ ଶାଳିଆ ସରକାରୀ ଉଚ୍ଚ ପ୍ରାଥମିକ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏଠାରେ ଥିବା ୩୯୨ ପିଲାଙ୍କ ଶିକ୍ଷା ବ୍ୟବସ୍ଥା କିଭଳି ଚାଲିଛି, ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରଖିବା ସହ ଆଗକୁ ବିଦ୍ୟାଳୟର କେଉଁ କେଉଁ ଉନ୍ନୟନ କାର୍ଯ୍ୟ କରାଯିବ ତାହା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସ୍ଥାନୀୟ ସରପଞ୍ଚ ବୀଣାପାଣି ଷଣ୍ଢ, ସମସ୍ତ ଷ୍ଟାଫ୍‌ଙ୍କ ସହିତ ଜିଲାପାଳ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ପ୍ରତାପ କୁମାର ବେଉରା, ବିଡିଓ ଶୀତଲ ଅଗ୍ରୱାଲ, ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟମାନଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

## ବାଇକ୍ ଚୋରି, ଯୁବକ ଗିରଫ

ଜଟଣୀ,୧୫।୧୦(ରବୀନ୍ଦ୍ରନାଥ ମହାକୁଡ଼)

ବାଇକ୍ ଚୋରିକରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଏହି ଥାନା ଅଧୀନ ବୁଢ଼ାପଡ଼ା ଗ୍ରାମ ଭୋଇସାହିର ଚଗଲା ଓରଫ ମଧୁସୂଦନ ଦାସ(୩୦)। ତାଙ୍କ ନିକଟରୁ ଚୋରି ବାଇକ୍ ଜବତ ହୋଇଛି। ଅଭିଯୋଗ ମୁତାବକ, ଗତ ୧୩ ତାରିଖରେ କୌଣସି କାରଣକୁ ନେଇ ଚଗଲା ବୁଢ଼ାପଡ଼ା ଗ୍ରାମର ଆଲୋକ ସାହୁଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ୧୪ ତାରିଖରେ ଆଲୋକଙ୍କ ଘରକୁ ଯାଇ ତାଙ୍କ ବାଇକ୍ ନେଇଯାଇଥିଲେ। ଏନେଇ ଆଲୋକ ବାଇକ୍ ବିଷୟରେ ପଚାରିବାରୁ ଚଗଲା ତାଙ୍କୁ ବାଉଁଶରେ ଆକ୍ରମଣ କରିଥିଲେ। ଏନେଇ ଆଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୧୭/୨୪) ରୁଜୁକରି ତଦନ୍ତ ଚଳାଇବା ସହ ଚଗଲାଙ୍କୁ ଗିରଫ କରିଥିଲା।

# ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ




ଜଟଣୀ,୧୫।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ଅକ୍ଟୋବର ୧ରୁ ଚାଲିଥିବା ସ୍ୱଚ୍ଛତା ପକ୍ଷ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପରିଷ୍କାର-ପରିଚ୍ଛନ୍ନ ରଖିବା ସହ ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛ ତଥା ବିକଶିତ ଭାରତର ସ୍ୱପ୍ନକୁ ପୂରଣ କରିବା ପାଇଁ ସାଧାରଣଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଷ୍ଠିତ ଉକ୍ତ ପକ୍ଷରେ ରେଲୱେ ଷ୍ଟେଶନ, ଟ୍ରେନ୍, ଅଫିସ, କ୍ୟାଣ୍ଟିନ, ଖାଦ୍ୟଷ୍ଟଲ୍ ଏବଂ ରେଲୱେ ଆବାସିକ ଅଞ୍ଚଳରେ ସ୍ୱଚ୍ଛତା ଉପରେ ଧ୍ୟାନ ଦିଆଯାଇଥିଲା। ଖୋର୍ଦ୍ଧାରୋଡ୍ ମଣ୍ଡଳର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସାଧାରଣ ଜନତାଙ୍କୁ ସ୍ୱଚ୍ଛତା ପ୍ରତି ଉତ୍ସାହିତ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ସ୍ୱଚ୍ଛତା ପକ୍ଷ ସମୟରେ ଯାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଷ୍ଟେଶନରେ ପଥପ୍ରାନ୍ତ ନାଟକ, ଜିଙ୍ଗଲ୍ସ, ବ୍ୟାନର ପ୍ରଦର୍ଶନ, ସୂତା ବ୍ୟାଗ ବଣ୍ଟନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ରେଳ ଷ୍ଟେଶନ ଏବଂ ଟ୍ରେନ୍‌ରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ଖୋର୍ଦ୍ଧାରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା କହିଛନ୍ତି।

# ଭାଇଚାରାର ବାର୍ତ୍ତାଦିଏ ଗଜଲକ୍ଷ୍ମୀ ପୂଜା

**୩୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପାଇବେ ପୂଜା**

ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)

ଧରାବତରଣ କରିବେ ଧନଦାତ୍ରୀ ମହାଲକ୍ଷ୍ମୀ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଖୋର୍ଦ୍ଧା ସହର। ଘଣ୍ଟଘଣ୍ଟା, ଶଙ୍ଖନାଦରେ କମ୍ପିବ ପୂଜାମଣ୍ଡପ। ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗିନ୍ ଆଲୋକମାଳାରେ ଝଲସିବ ସହର। ଏଥିପାଇଁ ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଶେଷ ହୋଇଛି। ସହରର ୩୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଇବେ ମା’ ଗଜଲକ୍ଷ୍ମୀ। ସ୍ନେହ, ସଦ୍‌ଭାବ ଏବଂ ଭାଇଚାରା ବାର୍ତ୍ତା ଦେଇଥାଏ ଗଜଲକ୍ଷ୍ମୀ ପୂଜା। ସପ୍ତଦିନ ଧରି ଆଡ଼ମ୍ବରରେ ପୂଜା ପାଳିତ ହୋଇଥାଏ। ଅନ୍ତିମ ଦିବସରେ ସମୂହ ଭସାଣି ଆୟୋଜନ ହୋଇଥାଏ। ଅନ୍ୟପଟେ ଶୃଙ୍ଖଳିତ, ସୁରକ୍ଷିତ ପୂଜା ଆୟୋଜନ ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇଉଠିଥାଏ ଖୋର୍ଦ୍ଧା ସହର। ସନ୍ଧ୍ୟା ହେଲେ ବିଭିନ୍ନ ପୂଜାମଣ୍ଡପରେ ଭିଡ଼ ଜମିଥାଏ। ପୁରୁଣା ବସ୍‌ଷ୍ଟାଣ୍ଡର ନବଜ୍ୟୋତି ଗଜଲକ୍ଷ୍ମୀ ପୂଜାକମିଟି ହେଉଛି ସର୍ବପୁରାତନ। ପରବର୍ତ୍ତୀ ସମୟରେ ଅନ୍ୟ କମିଟି ପକ୍ଷରୁ ପୂଜା ଆୟୋଜନ କରାଯାଉଛି। ପୁରୁଣା ବସ୍‌ଷ୍ଟାଣ୍ଡ ଏନ୍‌ଏସି ମାର୍କେଟ ବ୍ୟବସାୟୀ ସଂଘ, ନୟାଗଡ଼ ରୋଡ୍ ଗଜଲକ୍ଷ୍ମୀ ପୂଜାକମିଟି, ଔଷଧ



ବ୍ୟବସାୟୀ ସଂଘ ନୂଆ ମେଡିକାଲ ରୋଡ୍, ଭାଲିଆବାଡ଼ି ଗଜଲକ୍ଷ୍ମୀ ପୂଜାକମିଟି, ନୂଆ ବସ୍‌ଷ୍ଟାଣ୍ଡ ନିକଟ ମା’ ବାଟମଙ୍ଗଳା ଶ୍ରମିକ ସଂଘ, ବ୍ଲକ ଅଫିସ୍ ନିକଟ କଣ୍ଟା ଛକ ବ୍ୟବସାୟୀ ସଂଘ, ନୂଆ ବସ୍‌ଷ୍ଟାଣ୍ଡ ଟ୍ରାଫିକ୍ ଛକ ନିକଟ ପଲ୍ଲାହାଟ ବ୍ୟବସାୟୀ ସଂଘ, ନୂଆ ବସ୍‌ଷ୍ଟାଣ୍ଡ ସ୍ରୋତ ମଧୁସୂଦନ ମାର୍ଗ ବ୍ୟବସାୟୀ ସଂଘ, ଦିବ୍ୟଜ୍ୟୋତି ବ୍ୟବସାୟୀ ସଂଘ, ନୂଆ ବସ୍‌ଷ୍ଟାଣ୍ଡ ମ୍ୟୁନିସିପାଲିଟି ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ, ଦିବ୍ୟାଶା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀ ସଂଘ, ଶକୁନ୍ତଳା ମାର୍କେଟ କମ୍ପ୍ଲେକ୍ସ ନିକଟ(ନୂଆ ବସ୍‌ଷ୍ଟାଣ୍ଡ ରୋଡ୍) ସମ୍ଭାବନା ବ୍ୟବସାୟୀ ସଂଘ, ଫରେଷ୍ଟ ସ୍କୁଲ ସମ୍ମୁଖ ମହାବୀର ଟ୍ୟାକ୍ସି ସଂଘ, କୋର୍ଟ ସମ୍ମୁଖ ପଦ୍ମାଳୟା ବ୍ୟବସାୟୀ ସଂଘ, ଏସ୍‌ବିଆଇ ଛକ ନିକଟ ମା’ ବରୁଣେଇ ଟାଟା ଏସିଇ ସଂଘ, ବାଳିକା ହାଇସ୍କୁଲ ସମ୍ମୁଖ ଗାନ୍ଧୀ ମାର୍କେଟ ବ୍ୟବସାୟୀ ସଂଘ, ବାପୁଜୀ ବ୍ୟବସାୟୀ ସଂଘ, ସମବାୟ ବ୍ୟାଙ୍କ ଛକ ପଞ୍ଚସଖା ପରିବା ବ୍ୟବସାୟୀ ସଂଘ, ମହାଲକ୍ଷ୍ମୀ ପରିବା ବ୍ୟବସାୟୀ ସଂଘ, ପୌର କାର୍ଯ୍ୟାଳୟ ରୋଡ୍ ସୁନ୍ଦରୀବର ବ୍ୟବସାୟୀ ସଂଘ, କାମନା ମନ୍ଦିର ନିକଟ ଉପରସାହି ଗଜଲକ୍ଷ୍ମୀ ପୂଜା କମିଟି, କାମନାବର ସାହିର କାମନାବର ଗଜଲକ୍ଷ୍ମୀ ପୂଜା କମିଟି, ଠେଙ୍ଗାହାଟ ସାଗରକନ୍ୟା ଗଜଲକ୍ଷ୍ମୀ ପୂଜା କମିଟି, ଶାଗୁଆନ ବଗିଚା ଗଜଲକ୍ଷ୍ମୀ ପୂଜା କମିଟି, ଗଡ଼ଖୋର୍ଦ୍ଧାର ଗଡ଼ଖୋର୍ଦ୍ଧା ଗଜଲକ୍ଷ୍ମୀ ପୂଜାକମିଟି, ମୁକୁନ୍ଦପ୍ରସାଦ ଗଜଲକ୍ଷ୍ମୀ ପୂଜା କମିଟି, ମେନ୍‌ରୋଡ୍ ବ୍ୟବସାୟୀ ସଂଘ, ଟ୍ରାଫିକ୍ ଛକ ଗଜଲକ୍ଷ୍ମୀ ପୂଜାକମିଟି, ପୁରୁଣା ମେଡିକାଲ ରୋଡ୍ ବ୍ୟବସାୟୀ ସଂଘ, ଶ୍ରୀରାମନଗର ପୂଜା କମିଟି, ଗୋପବନ୍ଧୁ ବ୍ୟବସାୟୀ ସଂଘ, ପୁରୁଣା ମେଡିକାଲ ରୋଡ୍ ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ଆୟୋଜନ କରାଯାଉଛି। ମଣ୍ଡପଗୁଡ଼ିକ ସିସିଟିଭି ନଜରରେ ରହିବା ନେଇ ଜିଲା ପ୍ରଶାସନ ପକ୍ଷରୁ ପୂଜାକମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## ଭାଜପା ନେତା ରାଜା ମିଶ୍ରଙ୍କ ପରଲୋକ

ନିରାକାରପୁର,୧୫।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ ଡିଆ ଗ୍ରାମର ବରିଷ୍ଠ ଭାଜପା ନେତା ରାଜା ମିଶ୍ରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ଦେହ ଅସୁସ୍ଥ ଥିବାରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଦୀର୍ଘଦିନ ଭାଜପାରେ ରହି ଦଳ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ସିକୋରେ ୪୫ତମ ବାଦୀପାଲା

ବେଗୁନିଆ,୧୫।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ମିଲ୍ ଛକରେ ଥିବା ଗଣେଶ ବଜାର ପୂଜା କମିଟି ତତ୍ତ୍ୱାବଧାନରେ ୪୫ତମ ବାଦୀପାଲା ଅନୁଷ୍ଠିତ ହେଉଛି। ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ବାଦୀପାଲା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଗାୟକପୁଷ୍ପ ରବୀନ୍ଦ୍ର କୁମାର ଜେନା, ଗୋଳାପୋଖରୀ, ନୟାଗଡ଼ ଏବଂ ଗାୟକ ଯୁବଭାସ୍କର ଡ. ଜ୍ଞାନପ୍ରିୟ କାନୁନ୍‌ଗୋ, କଣ୍ଟାବାଡ଼, କଟକ ପାଲା ପରିବେଷଣ କରୁଛନ୍ତି। କମିଟି ସଭାପତି ମନ୍ମଥ ଚମ୍ପତି, ସମ୍ପାଦକ ପ୍ରମୋଦ କୁମାର ମହାପାତ୍ର, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଜାରି ରହିଛି। କମିଟି ସଭ୍ୟ ତୋଫାନ ବରାଡ଼, ଚିନ୍ତାମଣି ସାମନ୍ତରାୟ, ଲିଙ୍ଗରାଜ ସାହୁ, ବୁଲୁ ବାହୁବଳେନ୍ଦ୍ରଙ୍କ ସହ ଅନ୍ୟ ସଭ୍ୟମାନେ ସହଯୋଗ କରୁଛନ୍ତି।

## ଭଲିବଲ ଟୁର୍ନାମେଣ୍ଟ: ଏକେ ଫାଇଟର ଚାମ୍ପିୟନ




ବୋଲଗଡ଼,୧୫।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଦଳାଇସାହି ପଞ୍ଚାୟତ ମାଣିକାଗୋଡ଼ା ଗ୍ରାମ ତଳଛକସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୪ଟିଟିମ୍ ଭାଗ ନେଇଥିଲେ। ବିଡିଚ୍ୟାଲେଞ୍ଜର ଓ ଫ୍ରେଣ୍ଡ୍ସ ୱାରିଅର୍ସ ଟିମ୍ ପରାଜିତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଥିବା ବେଳେ ଏକେ ଫାଇଟର ଓ କ୍ରିଷ୍ଣା ରାଇଜିଂ ଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ କ୍ରିଷ୍ଣା ରାଇଜିଂ ଟିମ୍‌କୁ ୨-୧ ସେଟ୍‌ରେ ପରାସ୍ତ କରି ଏକେ ଫାଇଟର ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଚିନ୍ମୟ କୁମାର ଦୌଲତସିଂହ ଏବଂ ଦେବୀପ୍ରସାଦ ରଥ ମ୍ୟାଚ୍ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ଭାଜପା ସମ୍ପାଦକ ଶିକ୍ଷାବିତ୍ ଇଂ. କର୍ପୁର ସାହୁ, ସମ୍ମାନିତ ଅତିଥି ସମବାୟବିତ୍ ବିରଞ୍ଚି ପ୍ରଧାନ, କ୍ଲବ ସଭାପତି ଦିଗନ୍ତ ପ୍ରଧାନ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୫ ହଜାର ଏବଂ ରନର୍ସଅପ୍ ଟିମ୍‌କୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅଶୋକ କୁମାର ପ୍ରଧାନ, ଧରମା ପ୍ରଧାନ, ଭୀମସେନ ଦଳାଇ, ଅରୁଣ ସ୍ୱାଇଁ, ମନୋଜ କୁମାର ମାଝୀ ମ୍ୟାଚ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷକ ଜୟକୃଷ୍ଣ ରାଉତରାୟ, କିନର ଦଳାଇ ଧାରା ବିବରଣୀ ପ୍ରଦାନ କରିଥିଲେ।

# ୧୫ରୁ ଉର୍ଦ୍ଧ୍ୱ ପୂଜା କମିଟିର ବୈଠକ ବର୍ଜନ

ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)

ଧରାବତରଣ କରିବେ ଧନଦାତ୍ରୀ ମହାଲକ୍ଷ୍ମୀ। ଏଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଖୋର୍ଦ୍ଧା ସହର। ଘଣ୍ଟଘଣ୍ଟା, ଶଙ୍ଖନାଦରେ କମ୍ପିବ ପୂଜାମଣ୍ଡପ। ଆକର୍ଷଣୀୟ ସାଜସଜ୍ଜା ସହ ରଙ୍ଗିନ୍ ଆଲୋକମାଳାରେ ଝଲସିବ ସହର। ଶୃଙ୍ଖଳିତ ଭସାଣି ଉତ୍ସବ ଆୟୋଜନ ନେଇ ବିଧାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଆୟୋଜନ ନିମନ୍ତେ ପୌର ପ୍ରଶାସନ ପକ୍ଷରୁ ଚିଠି ନଂ.୨୭୭୭/୧୪.୧୦.୨୪ ପ୍ରକାରେ ପୌରାଞ୍ଚଳର ସମସ୍ତ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି, ସମ୍ପାଦକ ଓ ବ୍ୟବସାୟୀ ମହାସଂଘର ସଭାପତି ଏବଂ ସମ୍ପାଦକମାନଙ୍କୁ ଯୋଗଦାନ ନିମନ୍ତେ ଅନୁରୋଧ କରାଯାଇଥିଲା। ବୈଠକ ସ୍ଥାନ ପୂର୍ତ୍ତ ବିଭାଗ ବଙ୍ଗଳା, ମଧ୍ୟାହ୍ନ ୧୨ଟାରେ ଆୟୋଜନ ନେଇ ସୂଚନା ଦିଆଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ହୋଇଥିଲା। ତେବେ ଆୟୋଜିତ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଓ ପ୍ରସ୍ତାବ ପାଇଁ ଦୁଇଜଣ ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଦାୟିତ୍ୱ ଦିଆଯିବା ନେଇ ୧୫ରୁ ଉର୍ଦ୍ଧ୍ୱ ପୂଜାକମିଟି ଏହି ବୈଠକକୁ ବର୍ଜନ କରିଥିବା ସୂଚନା ମିଳିଛି। କମିଟିଗୁଡ଼ିକ ମଧ୍ୟରେ ନୟାଗଡ଼ ରୋଡ୍, ପୁରୁଣା ମେଡିକାଲ ରୋଡ୍, ସୁନ୍ଦରୀବର, ଗାନ୍ଧୀ ମାର୍କେଟ, ବାପୁଜୀ ଗଜଲକ୍ଷ୍ମୀ ପୂଜା କମିଟି, କୋର୍ଟ ଛକ ଏବଂ ପଲ୍ଲାହାଟ ପୂଜା କମିଟି ସମେତ ଅନ୍ୟ କମିଟି ଏହି ବୈଠକକୁ ବର୍ଜନ କରିଥିଲେ। ଏ ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜଣେ କମିଟି ସଦସ୍ୟ କହିଛନ୍ତି। ତେବେ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଅସନ୍ତୁଷ୍ଟଙ୍କୁ ମନାଇଲେ ବିଧାୟକ

ଭସାଣି ଉତ୍ସବକୁ ମହାସଂଘ କମିଟି ଏବଂ ୧୫ ପୂଜା କମିଟି ବର୍ଜନ କରିବା ନେଇ ଖବର ପ୍ରଚାରିତ ହେବା ପରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସମ୍ପୃକ୍ତ କମିଟି ସଦସ୍ୟଙ୍କୁ ରାତିରେ ଶ୍ରୀରାମନଗରସ୍ଥିତ ବାସଭବନରେ ଭେଟି ଆଲୋଚନା କରିଥିଲେ। ଏଥିରେ ବ୍ୟବସାୟୀ ମହାସଂଘ ସଭାପତି ସାରଦା ଚରଣ ପଟ୍ଟନାୟକ, ଉପସଭାପତି ମାନସ ରଞ୍ଜନ ଦାସ, ସମ୍ପାଦକ ଜିତେନ୍ଦ୍ର ଭଞ୍ଜ, ସହସମ୍ପାଦକ ଚନ୍ଦ୍ରଶେଖର ମହାରଣା, ସୁଧାକର ତ୍ରିପାଠୀ, ଆବାହକ ରାଜେଶ ପ୍ରଧାନ, ସଂଯୋଜକ ଲକ୍ଷ୍ମୀଧର ପୃଷ୍ଟି, କୋଷାଧ୍ୟକ୍ଷ ପି. ନନ୍ଦକିଶୋର, ପୁରୁଷୋତ୍ତମ ଜେନା, କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅସନ୍ତୁଷ୍ଟ ପୂଜା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପୂଜା ଓ ଭସାଣିରେ ସମସ୍ତ ସହଯୋଗ କରିବେ ବୋଲି ବିଧାୟକଙ୍କ ପ୍ରତିଶ୍ରୁତି ପରେ ସମ୍ପୃକ୍ତ ସଦସ୍ୟମାନେ ନିଷ୍ପତ୍ତିରୁ ଓହରିବା ସହ ସମୂହ ଭସାଣିରେ ସାମିଲ ହେବେ ବୋଲି କହିଥିଲେ।

# ଶୃଙ୍ଖଳିତ ଭସାଣି ଉତ୍ସବକୁ ଗୁରୁତ୍ୱ

- ଗଜଲକ୍ଷ୍ମୀ ପୂଜା ଓ ଭସାଣି ପାଇଁ ଗଠନ ହେବ ଶାନ୍ତି କମିଟି
- ଡିଜେ, ଲେଜର ଲାଇଟ୍‌କୁ ନା’

ଖୋର୍ଦ୍ଧା,୧୫।୧୦(ପ୍ରଭାତ ପାଣିଗ୍ରାହୀ)




ବୈଠକରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ।

ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଖୋର୍ଦ୍ଧା ସହର। ଶୃଙ୍ଖଳିତ, ସୁରକ୍ଷିତ ପୂଜା ଆୟୋଜନ ଲାଗି ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବୁଧବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ପୂଜା ଆୟୋଜନ କରାଯିବ। ୨୩ ତାରିଖରେ ଭସାଣି ଅନୁଷ୍ଠିତ ହେବ। ସମୂହ ଭସାଣି ଉତ୍ସବ ଆୟୋଜନ ନେଇ ପ୍ରସ୍ତୁତି ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ବେଉରା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କଅକବ, ତହସିଲଦାର ବିଭାସ ପାଣିଗ୍ରାହୀ, ବିଡିଓ କ୍ଷିରାବ୍ଧି ତନୟା ସାହୁଙ୍କ ସମେତ ଏକାଧିକ ପୂଜା କମିଟିର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ। ଭସାଣି ଦିନ ପୂଜା କମିଟିଗୁଡ଼ିକ ବିଜେବି ହାଇସ୍କୁଲ ପଡ଼ିଆ ନିକଟ ରାସ୍ତାରେ ଏକତ୍ରିତ ହେବେ। ସେଠାରୁ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନୟାଗଡ଼ ରୋଡ୍ ଦେଇ ପେଟ୍ରୋଲ ପମ୍ପ, ପୁରୁଣା ବସ୍‌ଷ୍ଟାଣ୍ଡ, ଟ୍ରାଫିକ୍ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ନୂଆ ବସ୍‌ଷ୍ଟାଣ୍ଡରୁ ଟିଏଲ୍‌ସି ଦେଇ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବେ। ଭସାଣି ଉତ୍ସବରେ ଯୋଗଦେଇଥିବା ପୂଜା କମିଟି ସଦସ୍ୟଙ୍କୁ ଉତ୍ସବ କମିଟି ଓ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷ ଟାଉନହଲ୍ ପରିବର୍ତ୍ତେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଭସାଣି ଉତ୍ସବ ମଣ୍ଡପ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶୃଙ୍ଖଳିତ ପୂଜା ଏବଂ ଭସାଣି ପାଇଁ ଶାନ୍ତି କମିଟି ଗଠନ କରାଯିବ। ପ୍ରତି ପୂଜା କମିଟି ପକ୍ଷରୁ ୫ଜଣ ସଦସ୍ୟ ରହିବେ। ଏହି କମିଟି ପୂଜା ଏବଂ ଭସାଣି ଉତ୍ସବ ତଦାରଖ କରିବ। ଭସାଣିରେ ଡିଜେ ଏବଂ ଲେଜର ଲାଇଟ୍‌କୁ ବାରଣ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ପୂଜା ମଣ୍ଡପରେ ଭିଡ଼ ନିୟନ୍ତ୍ରଣ ଲାଗି କମିଟିଗୁଡ଼ିକ ଗୁରୁତ୍ୱ ଦେବାକୁ କୁହାଯାଇଛି।

**ଚେନ୍ ଲୁଟ୍‌ବେଳେ ଧରାପଡ଼ିଲେ, ଜେଲ୍ ଗଲେ**

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ): ରାମ ମନ୍ଦିର ଛକକୁ ମା’ ଦୁର୍ଗାଙ୍କ ଭସାଣି ଦେଖିବାକୁ ଯାଇଥିବା ଜଣେ ମହିଳାଙ୍କ ବେକରୁ ଚେନ୍ ଲୁଟ୍ କରୁଥିବା ଲୁଟେରାଙ୍କୁ ଖାରବେଳନଗର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ମାଷ୍ଟରକ୍ୟାଣ୍ଟିନ୍ ଅଞ୍ଚଳରେ ରହୁଥିବା ଅନୁଗୋଳ ଅଞ୍ଚଳର ଶିବ ଦଲେଇ (୨୮)। ତାଙ୍କଠାରୁ ଏକ ସୁନା ଚେନ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ମହିଳାଙ୍କ ସ୍ୱାମୀ ଉମାକାନ୍ତ ବେହେରା ଥାନାରେ ଅଭିଯୋଗ କରିଥିଲେ।

# ଜାଲରେ ପଡ଼ିଲା ଥଣ୍ଟିଆ କୁମ୍ଭୀର ଛୁଆ



ବାରଙ୍ଗ/ତ୍ରିଶୂଳିଆ,୧୫।୧୦(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ମୁଣ୍ଡଲୀ ବ୍ୟାରେଜ ନିକଟ ମହାନଦୀରେ ମଙ୍ଗଳବାର ସକାଳେ ମାଛ ଧରିବା ସମୟରେ ଜଣେ ମତ୍ସ୍ୟଜୀବୀଙ୍କ ଜାଲରେ ଥଣ୍ଟିଆ କୁମ୍ଭୀର ଛୁଆଟି ପଡ଼ିଥିଲା। ପରେ ବନ ବିଭାଗ ପରାମର୍ଶ କ୍ରମେ ଛୁଆଟିକୁ ନଦୀରେ ଛଡ଼ା ଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ସାନମୁଣ୍ଡଲୀ ଗ୍ରାମର କୁମ୍ଭ ଦଲେଇ ନାମକ ମତ୍ସ୍ୟଜୀବୀ ସବୁଦିନ ଭଳି ମଙ୍ଗଳବାର ସକାଳେ ମହାନଦୀକୁ ମାଛ ଧରିବାକୁ ଡଙ୍ଗା ନେଇ ଯାଇଥିଲେ। ପାଣିରୁ ଜାଲ ଉଠାଇବାବେଳେ ସେଥିରେ ପ୍ରାୟ ୨ ଫୁଟର ଏକ ଥଣ୍ଟିଆ କୁମ୍ଭୀର ଛୁଆ ପଡ଼ିଥିବା ଦେଖିଥିଲେ। ପରେ କୁମ୍ଭୀର ଛୁଆକୁ ସୁରକ୍ଷିତ ଭାବେ କୂଳକୁ ଆଣିଥିଲେ। ଏ ସମ୍ପର୍କରେ ଭଗିପୁର ବନ ବିଭାଗ ଓ ମୁଣ୍ଡଲୀ ଗ୍ରାମର ମାନସ ବେହେରାଙ୍କୁ ସୂଚନା ଦେଇଥିଲେ। ବନ ବିଭାଗ ପରାମର୍ଶ କ୍ରମେ ମାନସ କୁମ୍ଭୀର ଛୁଆକୁ ସୁରକ୍ଷିତ ଭାବେ ଜାଲରୁ କାଢ଼ି ପୁନର୍ବାର ମହାନଦୀର ଗଭୀର ଜଳରେ ଛାଡ଼ିଦେଇଥିବା ଜଣାପଡ଼ିଛି।

# ଧଳାବାଡ଼ି ଦୃଷ୍ଟିବାଧିତଙ୍କ ସ୍ୱାଧୀନତାର ପ୍ରତୀକ

## ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସରେ ସଚେତନତା ରାଲି

ଭୁବନେଶ୍ୱର, ୧୫।୧୦(ବନ୍ଦନା ସେଠୀ)

ଏକ ପୂର୍ଣ୍ଣାଙ୍ଗ ସମାଜ ଗଠନ କରିବା କ୍ଷେତ୍ରରେ ଧଳାବାଡ଼ି ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିବା ପାଇଁ ଧଳାବାଡ଼ିର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି। ଧଳାବାଡ଼ି ମନରେ ଆତ୍ମପ୍ରତ୍ୟୟ ସୃଷ୍ଟି କରାଇବା ସହ ଦୃଷ୍ଟିବାଧିତଙ୍କ ସ୍ୱାଧୀନତାର ପ୍ରତୀକ ସାଜିଥାଏ। ଏକ ଅନ୍ତର୍ନିବେଶି ସମାଜ ଗଠନ ନିମନ୍ତେ ଓ ସମାଜର ସାଧାରଣ ବ୍ୟକ୍ତିମାନଙ୍କ ସହ ସମକକ୍ଷ କରିବା ପାଇଁ ଧଳାବାଡ଼ି ଦୃଷ୍ଟିବାଧିତମାନଙ୍କୁ ସଶକ୍ତ କରିଥାଏ ବୋଲି ମତ ପ୍ରକାଶ ପାଇଛି। ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଆଇଏସ୍‌ଇଆର୍) ଆନୁକୁଲ୍ୟରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପ୍ରତିଷ୍ଠାନଠାରେ ମଙ୍ଗଳବାର ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ କହିଲେ, ଏକ ଅନ୍ତର୍ନିବେଶି ସମାଜ ଗଠନରେ ଧଳାବାଡ଼ି ଦିବସର ଗୁରୁତ୍ୱ ବେଶ୍ ଅଧିକ। ଓଡ଼ିଶା ସରକାର ଦୃଷ୍ଟିବାଧିତଙ୍କ ପାଇଁ ଦେଶର ପ୍ରଥମ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ବୋଲି ସେ କହିଥିଲେ। ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ, ବିଭାଗର ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଶାସନ ସଚିବ ଦୀପକ କୁମାର ରାଉତରାୟ ଏବଂ ଉପଶାସନ ସଚିବ ସନ୍ନ୍ୟାସ କୁମାର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିମାନେ ପତାକା ହଲାଇ ସଚେତନତା ରାଲିର ଶୁଭାରମ୍ଭ କରିଥିଲେ। ଏଥିରେ ୬ଶହରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଦୃଷ୍ଟିବାଧିତ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ରାଲିରେ ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନେ ଡ୍ରମ୍, ତୂରୀ, ଝାଞ୍ଜ ଓ ଝୁମୁକା ଆଦି ବାଦନ କରିବା ସହ ପଥପ୍ରାନ୍ତ ନାଟକ ପିରାମିଡ ଏବଂ ସ୍ଲୋଗାନ ମାଧ୍ୟମରେ ବିଭିନ୍ନ ସଚେତନମୂଳକ ବାର୍ତ୍ତା ଦେଇଥିଲେ। ଏହି ସଚେତନତା ରାଲି ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଫାଟକଠାରୁ ବାହାରି ଷ୍ଟୁଆର୍ଟ ସ୍କୁଲ ଛକ ପର୍ଯ୍ୟନ୍ତ ଯାଇ ପ୍ରତ୍ୟାବର୍ତ୍ତନ କରିଥିଲା। ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ କଳାକୌଶଳ ସମସ୍ତଙ୍କୁ ଚକିତ କରିଥିଲା। ସମ୍ପୃକ୍ତ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।




ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା ରାଲିରେ ଅତିଥିଙ୍କ ସହ ଦୃଷ୍ଟିବାଧିତ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନେ।

# ‘ଲୁହ ଲହୁର କଥା’ରେ ସୂର୍ଯ୍ୟ ମନ୍ଦିର ସୁରକ୍ଷା

ଭୁବନେଶ୍ୱର, ୧୫।୧୦(ବନ୍ଦନା ସେଠୀ)

ଯୁଧିଷ୍ଠିର ଥିଏଟର ପକ୍ଷରୁ ପ୍ରଥମ ନାଟ୍ୟୋତ୍ସବ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରିୟବ୍ରତ ସାମନ୍ତରାୟ, ବିଜୟ କୁମାର ଜେନା, ଇଞ୍ଜିନିୟର ଚନ୍ଦ୍ରଶେଖର ନନ୍ଦ, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନାଟକର ଦୁଇ ବୟୋଜ୍ୟେଷ୍ଠ ବ୍ୟକ୍ତିତ୍ୱ ପଞ୍ଚାନନ ଦାସ ଓ ପ୍ରଦୀପ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା ନାଟକ ‘ଲୁହ ଲହୁର କଥା’। ଆମ ଐତିହ୍ୟ, ସଂସ୍କୃତି ତଥା ଗୌରବର କୀର୍ତ୍ତି କୋଣାର୍କ ସୂର୍ଯ୍ୟ ମନ୍ଦିରର ସୁରକ୍ଷା ଅଭିଯାନକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଥିଲା। ଏହାକୁ ଗଙ୍ଗାଧର ଜେନା ରଚନା କରିଥିବାବେଳେ ପରିକଳ୍ପନା ଓ ନିର୍ଦ୍ଦେଶନା ଦେଇଥିଲେ ଦେବାନନ୍ଦ ନାୟକ ସୋନୀ। କରୁଣାକର ସାମଲ, ପ୍ରସନ୍ନ ମହାପାତ୍ର, ତରଣଜିତ ଖାନ୍ନା, ପ୍ରଦୀପ ପାଇକରାୟ, ସୁପ୍ରଭା, ଶୁଭଲକ୍ଷ୍ମୀ ଓ ପ୍ରୀତି ପ୍ରମୁଖ କଳାକାରଙ୍କ ଜୀବନ୍ତ ଅଭିନୟ ପରିବେଶକୁ ଭାବମୟ କରି ଦେଇଥିଲା। ଏହି ଅବସରରେ ଅନୁଷ୍ଠାନର ଲୋଗୋ ଲୋକାର୍ପିତ ହୋଇଥିଲା।

# ଗଭୀର ସାମୁଦ୍ରିକ ଖଣିଜ ଉପରେ ଅନ୍ତର୍ଜାତୀୟ ପ୍ରଶିକ୍ଷଣ ଆରମ୍ଭ



ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୧୫।୧୦ (ଶର୍ମିଷ୍ଠା ପାଣିଗ୍ରାହୀ)

ଗଭୀର ସାମୁଦ୍ରିକ ଖଣିଜ ପଦାର୍ଥ ଉପରେ ଅନ୍ତର୍ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ସିଏସ୍‌ଆଇଆର୍ – ଆଇଏମ୍‌ଏମ୍‌ଟିଠାରେ ଆରମ୍ଭ ହୋଇଛି। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ହାଇଡ୍ରୋ ଆଣ୍ଡ୍ ଇଲେକ୍ଟ୍ରୋମେଟାଲର୍ଜି ବିଭାଗ ମୁଖ୍ୟ ଡ. କାଳୀସଞ୍ଜୟ, ପ୍ରଶାସନିକ ଅଧିକାରୀ ପି.କେ. ଦାଶଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ନିର୍ଦ୍ଦେଶକ ଡ. ନାରାୟଣ କହିଲେ, ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ସହିତ ମିଳିତ ଉଦ୍ୟମରେ ଗଭୀର ସାମୁଦ୍ରିକ ଖଣିଜ ପଦାର୍ଥ ଉପରେ ମେଟାଲର୍ଜି ପ୍ରଯୁକ୍ତିକୁ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ସାମୁଦ୍ରିକ ଖଣିଜ ସମ୍ପଦ ଯଥା ନିକେଲ, କୋବାଲ୍ଟ ଓ ଟେଲ୍ୟୁରିୟମ୍ ଆଦି ଅତ୍ୟାବଶ୍ୟକ ଖଣିଜ ପଦାର୍ଥର ଉତ୍ପାଦନ ଉପରେ ଆଲୋଚନା ହୋଇଥିଲା। ଏସବୁ ଖଣିଜ ବିଶେଷକରି ପରିଶୋଧନ ଶକ୍ତି ବ୍ୟବସାୟରେ ଆବଶ୍ୟକ ହୋଇଥାଏ। କେନିଆ, ତାଞ୍ଜାନିଆ, ଘାନା, ନାଇଜେରିଆ, ଶ୍ରୀଲଙ୍କା ଏବଂ ଜାମାଇକା ସମେତ ଦେଶରୁ ୧୫ଜଣ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀ ଏହି ପ୍ରଶିକ୍ଷଣରେ ଯୋଗଦେଉଛନ୍ତି। ଅକ୍ଟୋବର ୨୬ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ।

# ନନ୍ଦନକାନନରୁ ବଙ୍ଗୀୟ ପର୍ଯ୍ୟଟକ ନିଖୋଜ

ବାରଙ୍ଗ,୧୫।୧୦(ଲିଙ୍ଗରାଜ ରାଉତ)

ନନ୍ଦନକାନନକୁ ବୁଲିବାକୁ ଆସିଥିବା ଜଣେ ବଙ୍ଗୀୟ ବୃଦ୍ଧ ନିଖୋଜ ହୋଇଥିବା ନେଇ ମଙ୍ଗଳବାର ନନ୍ଦନକାନନ ଥାନାରେ ଅଭିଯୋଗ ହୋଇଛି। ବୃଦ୍ଧ ଜଣଙ୍କ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦର ସୁବୋଧ ଘୋଷ (୬୫)। ସୁବୋଧ ପରିବାର ସହ ପଶ୍ଚିମବଙ୍ଗରୁ ଏକ ବସ୍ ଯୋଗେ ଓଡ଼ିଶା ଆସିଥିଲେ। ମଙ୍ଗଳବାର ଅପରାହ୍ନରେ ପରିବାର ସହ ନନ୍ଦନକାନନ ବୁଲିବାକୁ ଯାଇଥିଲେ। ନନ୍ଦନକାନନ ବୁଲି ସାରି ପୁରୀ ଜଗନ୍ନାଥ ଦର୍ଶନ କରି ଘରକୁ ଫେରିଥାନ୍ତେ। କିନ୍ତୁ ସନ୍ଧ୍ୟା ସମୟରେ ନନ୍ଦନକାନନ ଭିତରୁ ବାହାରିବା ସମୟରେ ପରିବାର ଲୋକଙ୍କଠାରୁ ସୁବୋଧ ଅଲଗା ହୋଇଯାଇଥିବା ବୃଦ୍ଧଙ୍କ ଜ୍ୱାଇଁ ରୋମେନ ମଣ୍ଡଳ ନନ୍ଦନକାନନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୃଦ୍ଧ ଜଣଙ୍କ ଏକ କଳା ଫୁଲ ପ୍ୟାଣ୍ଟ ଏବଂ ଧଳା ଫୁଲ ଶାର୍ଟ ପରିଧାନ କରିଥିଲେ।

# ନିଖୋଜ ବୃଦ୍ଧ ଉଦ୍ଧାର

ବାରଙ୍ଗ,୧୫।୧୦(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ମରିଚିଆ ଗ୍ରାମରୁ ଜଣେ ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କରି ଗ୍ରାମବାସୀ ନନ୍ଦନକାନନ ପୋଲିସ ଜିମା ଦେଇଛନ୍ତି। ସେ ହେଲେ ପୁରୀ ଜିଲା କଣାସ ଥାନା ଗଡ଼ସାନପୁଟ ଅଞ୍ଚଳର ଜାଗେଶ୍ୱର ଗୁମାନସିଂ(୭୭)। ସୂର୍ଯ୍ୟନଗର ଅଞ୍ଚଳରେ ରହୁଥିବା ବଡ଼ ଝିଅ ଓ ଜ୍ୱାଇଁ ଘରୁ ଜାଗେଶ୍ୱର ଗତ ୧୨ ତାରିଖରୁ କେଉଁଆଡ଼େ ଚାଲି ଯାଇଥିଲେ। ଏନେଇ କ୍ୟାପିଟାଲ ଥାନାରେ ଏକ ନିଖୋଜ ନେଇ ଅଭିଯୋଗ ହୋଇଥିଲା। ତେବେ ପୋଲିସଠାରୁ ଖବର ପାଇ ପରିବାର ଲୋକେ ଜାଗେଶ୍ୱରଙ୍କୁ ଥାନାରୁ ନେଇଯାଇଥିବା ଜଣାପଡ଼ିଛି।

# ୨୫ କମିଟିର ୮୦ଜଣଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ବାବୁ ସିଂଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଭୁବନେଶ୍ୱର ସମ୍ବର୍ଦ୍ଧନା ସମିତି ପକ୍ଷରୁ ଶାରଦୀୟ ଭସାଣି ଶୋଭାଯାତ୍ରା ଓ ବିସର୍ଜନ ଉତ୍ସବ ସିଆର୍‌ପିସ୍ଥିତ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୨୫ଟି ମେଢ଼ କମିଟିର ୮୦ଜଣ ସମାଜସେବୀ ଓ କର୍ମକର୍ତ୍ତାଙ୍କୁ ମାନପତ୍ର ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଭଗବାନପୁର ଦୁର୍ଗାପୂଜା କମିଟି, ଆଇଗିଣିଆ ଡୁମଡୁମା ଦୁର୍ଗାପୂଜା କମିଟି, ପୋଖରୀପୁଟ, ଗଙ୍ଗନଗର, ସାଲିଆ ସାହି, କଳାରାହାଙ୍ଗ, ନୟାପଲ୍ଲୀ ଆଦି କମିଟିର କର୍ମକର୍ତ୍ତାଙ୍କୁ ବିଧାୟକ ବାବୁ ସିଂ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ସମିତିର ସଭାପତି ଶରତ ରାଉତ, ଉପସଭାପତି ଦେବାଶିଷ ମହାପାତ୍ର, ସମ୍ପାଦକ ଅଜିତ କୁମାର ପାଢ଼ୀ, ମାନସୀ ମଞ୍ଜରୀ ରାୟ, ସମାଜସେବୀ ଦେବ ମହାନ୍ତି, କୃପାସିନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ‘ସୁଲତାନ’ରେ ହିନ୍ଦୁ, ମୁସଲମାନଙ୍କ ଭାଇଚାରାର କାହାଣୀ



ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ନାଟକ ‘ସୁଲତାନ’ର ଏକ ଦୃଶ୍ୟ।

## ଲାବଣ୍ୟ ଥିଏଟରର ୪୦ତମ ନାଟ୍ୟ ଉତ୍ସବ

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଲାବଣ୍ୟ ଥିଏଟରର ୪୦ତମ ନାଟ୍ୟ ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ କାଳ୍ପନିକ ନାଟକ ‘ସୁଲତାନ’ ମଞ୍ଚସ୍ଥ ହୋଇଥିଲା। ଓଡ଼ିଶାରେ ମୋଗଲ ଶାସନ କାଳରେ ରାଜନୈତିକ ଅସ୍ଥିରତା ଚରମ ପରିଣତିରେ ପହଞ୍ଚିଥିଲା। ସୁଲତାନ ହେବା ଲୋଭରେ ନିଜ ଆତ୍ମୀୟମାନଙ୍କୁ ମଧ୍ୟ ସେମାନେ ହତ୍ୟା କରୁଥିଲେ। ସୁଲତାନ ସାଉଦ ଖାଁଙ୍କୁ ନିର୍ମମ ଭାବେ ହତ୍ୟା କରିବାର ଷଡ଼ଯନ୍ତ୍ର ରଚନ୍ତି ପ୍ରାସାଦରକ୍ଷୀ ଶିକନ୍ଦର୍ ଆଲାମ। ୱାଜ୍ ମହମ୍ମଦଙ୍କ ହାତରେ ସାଉଦ ଖାଁଙ୍କୁ ହତ୍ୟା କରି ସବୁ ଦୋଷ ଲଦି ଦିଅନ୍ତି ସୁଲତାନଙ୍କ ଦେହରକ୍ଷୀ ମୁନିମ ଖାଁଙ୍କ ଉପରେ। ୱାଜ୍ ମହମ୍ମଦଙ୍କୁ ଉଜୀର୍ ଏବଂ ନିଜକୁ ସୁଲତାନ ବୋଲି ଘୋଷଣା କରନ୍ତି ଶିକନ୍ଦର୍ ଆଲାମ। ତେବେ ଦୀର୍ଘ ୨୦ବର୍ଷ ପରେ ଏଭଳି ହୀନ ଚକ୍ରାନ୍ତର ଅନ୍ତିମ ପରିଣାମ କ’ଣ ଘଟେ ତାହା ଏହି ନାଟକରେ ଦର୍ଶାଯାଇଛି। ରକ୍ତରଞ୍ଜିତ ସିଂହାସନକୁ ଅକ୍ତିଆର କରିବା ପାଇଁ ରଚିତ ଷଡ଼ଯନ୍ତ୍ର ଭିତରେ ହିନ୍ଦୁ-ମୁସଲମାନ ଭାଇଚାରାର ଏକ ସୁନ୍ଦର କାହାଣୀ ଦେଖିବାକୁ ମିଳିଛି ନାଟକ ‘ସୁଲତାନ’ରେ। ସତ୍ୟ ଜେନାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ଦେବୀପ୍ରସାଦ, ଚିରଞ୍ଜୀବ, ସୌମ୍ୟରଞ୍ଜନ, ସାରଦା, ସୁଶାନ୍ତ, ମୁନା, ରମଣୀରଞ୍ଜନ, ପୂର୍ଣ୍ଣ, ସୁନୀଲ, ଅମିତ୍, ସିଦ୍ଧାନ୍ତ, ରାଜେନ୍ଦ୍ର, ବିଭୁ ଦୀକ୍ଷିତ୍, ପ୍ରତିମା, ଶୁଭସ୍ମିତା, କଳ୍ପନା, ସସ୍ମିତା ପ୍ରମୁଖ ଅଭିନୟ କରିଥିଲେ। ଉତ୍ସବରେ ଅତିଥି ଭାବେ ନାଟ୍ୟକାର ଧୀରେନ୍ଦ୍ର ନାଥ ମଲ୍ଲିକ, ନାଟ୍ୟକାର ନରେନ୍ଦ୍ର ମିଶ୍ର, ଅନୁଷ୍ଠାନର ସଭାପତି ନାରାୟଣ ସାହୁ ଯୋଗଦେଇଥିଲେ।

# ୩ ଜଣଙ୍କୁ ‘ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ’

ଭୁବନେଶ୍ୱର,୧୫।୧୦(ଅନୁରାଧା ମହାରଣା)

ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟାନୁଷ୍ଠାନ ଉତ୍କଳିକା ପକ୍ଷରୁ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପରେ ‘ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ ଉତ୍ସବ’ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀର, ଓଡ଼ିଶୀ ବୀଣା ଗୁରୁ ରାମାରାଓ ପାତ୍ର ଓ ବିଶିଷ୍ଟ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପାରମ୍ପରିକ କଳା କ୍ଷେତ୍ରରେ ବରିଷ୍ଠ ଚଇତି ଘୋଡ଼ା ଗୁରୁ ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କୁ, ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଓ ମର୍ଦ୍ଦଳ କ୍ଷେତ୍ରରେ ପଣ୍ଡିତ ହରମୋହନ ଖୁଣ୍ଟିଆଙ୍କୁ ‘ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ସମ୍ମାନ’ ପ୍ରଦାନ କରାଯାଇଥିଲା। ସେହିପରି ରୂପକ କୁମାର ପରିଡ଼ାଙ୍କୁ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ, ସୌମ୍ୟ ରଞ୍ଜନ ନାୟକଙ୍କୁ ମର୍ଦ୍ଦଳ କ୍ଷେତ୍ରରେ ଏବଂ ମନୋଜ କୁମାର ପ୍ରଧାନଙ୍କୁ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ‘ଆଚାର୍ଯ୍ୟ ତାରିଣୀ ଚରଣ ପାତ୍ର ଯୁବ ପ୍ରତିଭା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପ୍ରତୀକ ପଟ୍ଟନାୟକ ଓଡ଼ିଶୀ ବୀଣା ବାଦନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ରୂପକ କୁମାର ପରିଡ଼ାଙ୍କ ଦ୍ୱାରା ଓଡ଼ିଶୀ ସଙ୍ଗୀତ, ଉତ୍କଳିକା ଅନୁଷ୍ଠାନର ପ୍ରତିଷ୍ଠାତା ଶେଖର ସୁମନ ମାଝି, ମନୋଜ କୁମାର ପ୍ରଧାନ, ବିଭୁ ପ୍ରସାଦ ବେହେରା ପ୍ରମୁଖ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ଭାସ୍କର୍ଯ୍ୟକଳାରେ ଧଳାବାଡ଼ି



ପୁରୁଣା ଭୁବନେଶ୍ୱର, ୧୫।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ସାମାଜିକ ଅନୁଷ୍ଠାନ ‘ବୁଲ୍‌ସ ଆଇ’ ପକ୍ଷରୁ ଶାନ୍ତିସ୍ତୁପ ଧଉଳିଠାରେ ମଙ୍ଗଳବାର ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଧଳାବାଡ଼ି ପ୍ରତି ଦୃଷ୍ଟିବାଧିତଙ୍କ ମନରେ ଆଗ୍ରହ ବୃଦ୍ଧି କରିବା ଓ ଏହାର ବହୁଳ ବ୍ୟବହାର ସହ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭାସ୍କର୍ଯ୍ୟ କଳାର ପ୍ରତୀକାତ୍ମକ ଭାବେ ୧୬ ଫୁଟ ଲମ୍ବର ଧଳାବାଡ଼ି ତିଆରି କରାଯାଇଛି। ଧଉଳି ଚାରୁକଳା ମହାବିଦ୍ୟାଳୟ ଭାସ୍କର୍ଯ୍ୟ ବିଭାଗର ଦୁଇ ଛାତ୍ର ଆର୍ଯ୍ୟାନ୍ ସାମଲ ଓ ବୃନ୍ଦାବନ ପଣ୍ଡା ଏହି ବାଡ଼ିକୁ ତିଆରି କରିଛନ୍ତି। ଏହି ଅବସରରେ ‘ବୁଲ୍‌ସ ଆଇ’ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା ଯୋଗଦେଇ କହିଥିଲେ, ରାଜ୍ୟର ପ୍ରାୟ ୭୦ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ି ବ୍ୟବହାର କରନ୍ତି ନାହିଁ। ସେହିପରି ସାମାଜିକ କର୍ମୀ ସୁଶାନ୍ତ ସାହୁ କହିଥିଲେ, ଧଳାବାଡ଼ି ଦୃଷ୍ଟିବାଧିତଙ୍କ ଏକ ଅବିଚ୍ଛେଦ ଅଙ୍ଗ କହିଲେ ଭୁଲ୍ ହେବନାହିଁ। ସରକାର ଦୃଷ୍ଟିବାଧିତଙ୍କୁ ମାଗଣାରେ ଧଳାବାଡ଼ି ଦେଉଛନ୍ତି। ହେଲେ ଏହି ବାଡ଼ିକୁ ଧରି ଚାଲିବାର ଯେଉଁସବୁ ପ୍ରଶିକ୍ଷଣ କୌଶଳର ଆବଶ୍ୟକ ଥାଏ, ତାହା ରାଜ୍ୟରେ ଉପଲବ୍ଧ ନାହିଁ। ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରିବାର ଆବଶ୍ୟକତା ରହିଛି। ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ଜ୍ୟୋତିରଞ୍ଜନ ସାହୁ, ମାନସ ମହାରଥି, ରାଜେଶ ସିଂ, ସୁଜିତ୍ କୁମାର ସେଠ, ସୁବ୍ରତ ମୁଦୁଲି, ବର୍ଷାରାଣୀ ଓଝା ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନରେ ସହଯୋଗ କରିଥିଲେ।

# ୬ ମାସର ସିଡିଆର୍ ମାଗିଲା ପୋଲିସ

## ଯୁବ ଇଞ୍ଜିନିୟରଙ୍କ ଆତ୍ମହତ୍ୟା ଘଟଣା

ଭୁବନେଶ୍ୱର,୧୫।୧୦ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଖାରବେଳଗର ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟର ୮ ମହଲା ଉପରୁ ଡେଇଁ ଯୁବ ଇଞ୍ଜିନିୟର ରୋନିତ୍ ଜେନା (୨୩)ଙ୍କ ଆତ୍ମହତ୍ୟାକୁ ୪ ଦିନ ବିତିଛି। ଆତ୍ମହତ୍ୟା ପାଇଁ ରୋନିତ୍‌ଙ୍କ ପ୍ରେମିକାଙ୍କୁ ପରିବାର ଲୋକ ଦାୟୀ କରିଛନ୍ତି। ତେବେ ରୋନିତ୍ ଏଭଳି ନିଷ୍ପତ୍ତି ନେବା ପଛରେ ବାସ୍ତବରେ କାହାର ହାତ ଅଛି ତାହା ଜାଣିବାକୁ ଖାରବେଳନଗର ଥାନା ପୋଲିସ ତଦନ୍ତ ଜାରି ରଖିଛି। ମଙ୍ଗଳବାର ପୋଲିସ ପକ୍ଷରୁ ସର୍ଭିସ୍ ପ୍ରୋଭାଇଡର ସଂସ୍ଥାକୁ ରୋନିତଙ୍କ ୬ମାସର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ମଗାଯାଇଛି। ଏଥିସହ ରୋନିତଙ୍କ ବିଭିନ୍ନ ସୋସିଆଲ୍ ମିଡିଆ ଆକାଉଣ୍ଟକୁ ମଧ୍ୟ ପୋଲିସ ଯାଞ୍ଚ କରୁଛି। ସିଡିଆର୍ ଆସିବା ପରେ ଯଦି କୌଣସି ବ୍ୟକ୍ତିଙ୍କ ରୋନିତଙ୍କ ମୃତ୍ୟୁ ପାଇଁ ସମ୍ପୃକ୍ତି ଆସିବ, ତେବେ ସେମାନଙ୍କୁ ପଚରାଉଚରା କରାଯିବ ବୋଲି ଥାନାଧିକାରୀ ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ରୋନିତ୍ ବ୍ରହ୍ମପୁରର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢ଼ୁଥିଲେ। ନିକଟରେ ତାଙ୍କର ଏକ କମ୍ପାନୀରେ ଚାକିରି ମଧ୍ୟ ହୋଇଥିଲା। ଦଶହରା ପାଇଁ ରୋନିତ୍ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଘରକୁ ଆସିଥିଲେ। ସନ୍ଧ୍ୟାରେ ତାଙ୍କ ମା’ ଅର୍ଚ୍ଚନାଙ୍କୁ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପ ବୁଲାଇବା ପରେ ଘରକୁ ଆସି ନିଜ ରୁମ୍‌ରେ ଶୋଇଥିଲେ। ଶନିବାର ପାହାନ୍ତାରେ ଆପାର୍ଟମେଣ୍ଟର ୮ ମହଲା ଉପରୁ ଡେଇଁ ରୋନିତ୍ ଆତ୍ମହତ୍ୟା କରିଥିଲେ। ରୋନିତ୍ ତାଙ୍କ କଲେଜର ତୃତୀୟ ବର୍ଷର ଜଣେ ଯୁବତୀଙ୍କୁ ପ୍ରେମ କରୁଥିବାବେଳେ ତାଙ୍କ ପାଇଁ ପୁଅର ଜୀବନ ଗଲା ବାପା ନବ କୁମାର ଜେନା ଅଭିଯୋଗ ଆଣିଛନ୍ତି।

# ବ୍ୟାଟେରି ଶର୍ଟସର୍କିଟରୁ ଜଳିଗଲା କାର୍

## ବର୍ତ୍ତିଗଲେ ଡ୍ରାଇଭରଙ୍କ ସହ ବାପା, ମା’, ପୁଅ

ଭୁବନେଶ୍ୱର,୧୫।୧୦ (ସତ୍ୟଜିତ୍ ରାଉତ)





ଭୁବନେଶ୍ୱର ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପ ସାମ୍ନା ୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଏକ କାର୍‌ରେ ନିଆଁ ଲାଗି ଜଳିଯାଇଛି। ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟା ୪୫ରେ ଏହି ଘଟଣା ଘଟିଛି। ତେବେ ସୌଭାଗ୍ୟବଶତଃ କାର୍‌ରେ ଥିବା ଡ୍ରାଇଭରଙ୍କ ସହ ବିହାର ବାସିନ୍ଦା ବାପା, ମା’ ଓ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ସେକ୍ରେଟାରିଏଟ୍ ଫାୟାର ଷ୍ଟେଶନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ହେଲେ ସେତେବେଳକୁ ବିଆର୍୦୧ବିକେ୬୧୭୬ ନମ୍ବର ବିଶିଷ୍ଟ ଉକ୍ତ କାର୍‌ଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ତେବେ ବ୍ୟାଟେରି ଶର୍ଟସର୍କିଟ୍‌ରୁ କାର୍‌ରେ ନିଆଁ ଲାଗିଯାଇଥିବା ଫାୟାର ଷ୍ଟେଶନ ଅଫିସର ଅନୁପ କୁମାର ଦାଶ ସୂଚନା ଦେଇଛନ୍ତି। କାର୍‌ରେ ପୁଅ ରୋହନ ବର୍ମାଙ୍କ ସହ ବାପା କେଦାର ପ୍ରସାଦ ମନନ୍ଦା ଓ ମା’ ଓଡ଼ିଶା ବୁଲିବାକୁ ଆସି ଫେରୁଥିଲେ। ଡ୍ରାଇଭର କାର୍ ଚଳାଉଥିବାବେଳେ ସେମାନେ ଖୋର୍ଦ୍ଧା ପାର୍ଶ୍ୱରୁ କଟକ ଆଡ଼କୁ ଯାଉଥିଲେ। ନୟାପଲ୍ଲୀ ପୂଜା ମଣ୍ଡପ ସାମ୍ନାରେ କାର୍‌ରୁ ଧୂଆଁ ବାହାରୁଥିବା ଜଣାପଡିଥିଲା। ଏହି ସମୟରେ ଚାଳକ ଜଣକ କାର୍‌କୁ ରାସ୍ତା କଡରେ ପାର୍କିଂ କରି ତୁରନ୍ତ ସମସ୍ତେ ବାହାରକୁ ବାହାରି ଆସିଥିଲେ। ଚାହୁଁ ଚାହୁଁ କାର୍‌ଟି ହୁତୁ ହୁତୁ ହୋଇ ଜଳିବାକୁ ଲାଗିଥିଲା। ଅଗ୍ନିକାଣ୍ଡରେ ସ୍ଥାନୀୟ ଅଞ୍ଚଳ ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ଅଗ୍ନିଶମ ଟିମ୍ ପହଞ୍ଚିବା ପରେ ତୁରନ୍ତ ନିଆଁଲିଭା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ତେବେ ଏହି ଘଟଣା ପାଇଁ ଉକ୍ତ ରାସ୍ତାରେ କିଛି ସମୟ ଟ୍ରାଫିକ୍ ଜାମ ହୋଇଥିଲା।

## ସଂକ୍ଷେପରେ

### ପାଣ୍ଡୁଲିପି ସଂଶୋଧନ ପାଇଁ ସୂଚନା

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

୨୦୨୫-୨୬ ବର୍ଷ ନିମନ୍ତେ ଯେଉଁ ପଞ୍ଜିକାରମାନେ ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀଜଗନ୍ନାଥ ମନ୍ଦିର ଦ୍ୱାର ପଞ୍ଜିକା ପାଣ୍ଡୁଲିପି ସଂଶୋଧନ କରିବା ପାଇଁ ଇଚ୍ଛୁକ ଅଛନ୍ତି, ସେମାନେ ନିଜ ପଞ୍ଜିକାର ୧୨ ମାସର ସମ୍ପୂର୍ଣ୍ଣ ପାଣ୍ଡୁଲିପି ଆସନ୍ତା ୩୧ ତାରିଖ ମଧ୍ୟରେ ମୁକ୍ତିମଣ୍ଡପ ପଣ୍ଡିତସଭା କାର୍ଯ୍ୟାଳୟରେ ଦାଖଲ କରିବାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ଶ୍ରୀଜଗନ୍ନାଥ ମନ୍ଦିର ପୁରୀ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଯେଉଁମାନେ ଏନେଇ ଅଧିକ କିଛି ତଥ୍ୟ ଜାଣିବାକୁ ଚାହୁଁଛନ୍ତି ସେମାନେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ମୋବାଇଲ ନଂ. ୮୧୪୪୩୦୭୭୯୧ରେ ଯୋଗାଯୋଗ କରିବା ପାଇଁ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

### ସାପ କାମୁଡ଼ାରେ ଚିକିତ୍ସାଧୀନ ମହିଳାଙ୍କ ମୃତ୍ୟୁ

ଯୋଗେଶ୍ୱରପୁର,୧୫।୧୦(ରଶ୍ମିରଞ୍ଜନ ସାହୁ)

ସାପ କାମୁଡ଼ାରେ ଚିକିତ୍ସାଧୀନ ନୟାହାଟ ଫାଣ୍ଡି ଅଧୀନ ଇସାଣପୁର ପଞ୍ଚାୟତର ପଦ୍ମ ପୋଖରୀ ଗ୍ରାମର ବିପିନ ଦଳାଇଙ୍କ ସ୍ତ୍ରୀ ସାକ୍ଷୀ ଦଳାଇ (୫୦)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ୭ ଦିନ ପୂର୍ବେ ସାକ୍ଷୀ ବିଲରେ ଛେଳି ଚରାଉଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ତେବେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଖଣ୍ଡପଡ଼ାରୁ ଆସିଲା ଚତୁର୍ଦ୍ଧା ବିଗ୍ରହଙ୍କ ମୂର୍ତ୍ତି

ପିପିଲି,୧୫।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲିରେ ନିର୍ମିତ ଭବ୍ୟ ଶ୍ରୀରାମ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ପାଇଁ ନୟାଗଡ଼ ଜିଲା ଖଣ୍ଡପଡ଼ା ଖଳିସାହି ଗ୍ରାମରୁ ଆସିଲା ପ୍ରଭୁ ଶ୍ରୀରାମଙ୍କ ସହ ଚତୁର୍ଦ୍ଧା ବିଗ୍ରହଙ୍କ ପ୍ରତିମୂର୍ତ୍ତି। ଏନେଇ ଶ୍ରୀରାମ ଚତୁର୍ଦ୍ଧାବିଗ୍ରହଙ୍କୁ ପିପିଲିରେ ଭବ୍ୟ ସମାରୋହରେ ସ୍ୱାଗତ କରାଯାଇଛି। ଶ୍ରୀରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ପ୍ରଭୁଙ୍କ ଆଗମନ ସମାରୋହରେ ବହୁଶହ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କମିଟି ପକ୍ଷରୁ ପ୍ରଭୁ ଶ୍ରୀରାମଙ୍କ ସମେତ ୪ ବିଗ୍ରହଙ୍କୁ ବିଜୟା ଦଶମୀରେ ପୀଠ ଆଗମନ କରାଯାଇଛି। ଶ୍ରୀରାମ ମନ୍ଦିର ସମାରୋହ ସମିତି ଅଧ୍ୟକ୍ଷ ପଣ୍ଡିତ ଭବାନୀ ଶଙ୍କର ଶର୍ମାଙ୍କ ନେତୃତ୍ୱରେ ଏହି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ହୋଇଥିବାବେଳେ ସ୍ଥାନୀୟ ଶ୍ରୀରାମ ମନ୍ଦିର ନିର୍ମାଣ ସମିତିର ଆବାହକ ମାନସ ମହାପାତ୍ର, ମୁଖ୍ୟ ସଂଯୋଜକ ସଦାଶିବ ପ୍ରଧାନ, ଭରତ ଗୁରୁ, ଚରଣ ଦାସ, ପ୍ରବୀର ହଲଦର୍, ଗୋକୁଳ ମୁଦୁଲି, ପ୍ରସନ୍ନ ଜେନା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସଂଘ ପରିବାରର କାର୍ଯ୍ୟକର୍ତ୍ତା ପ୍ରଭାତ କୁମାର ମହାପାତ୍ର, ବିଭୁତି ସାମନ୍ତରାୟ, ପ୍ରକାଶ ପ୍ରଧାନ, ପିପିଲି ବ୍ୟବସାୟୀ ସଂଘ, ସିଦ୍ଧେଶ୍ୱର ବ୍ୟବସାୟ ସଂଘର କାର୍ଯ୍ୟକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ।

# ଦେଶ ପାଇଁ କଲାମଙ୍କ ସ୍ୱତନ୍ତ୍ର ପରିଚୟ ରହିଛି

**ଅବଦୁଲ କଲାମଙ୍କ ଜୟନ୍ତୀରେ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି**

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

ହାପି ମୋମେଣ୍ଟ ଇଣ୍ଡିଆ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ସଂସ୍କୃତି ଭବନଠାରେ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍ଦୁଲ କଲାମଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଅଧ୍ୟକ୍ଷା ରାଜ୍ୟ ଶିଶୁ ସୁରକ୍ଷା ସନ୍ଧ୍ୟାବତୀ ପ୍ରଧାନ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର ପରିଡ଼ା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିକ୍ଷାବିତ୍ ଶଶଧର ପଣ୍ଡା, ବିଧୁଭୂଷଣ ପଟ୍ଟନାୟକ ଓ ପଦ୍ମଜା ପଟ୍ଟନାୟକ ପ୍ରମୁଖ ଡ. କଲାମ ଜଣେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଦେଶ ପାଇଁ ରାଷ୍ଟ୍ରପତି ଭାବେ, ଜଣେ ବୈଜ୍ଞାନିକ ଭାବେ, ଜଣେ ଶିକ୍ଷାବିତ୍ ଭାବେ ଓ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଭାବେ ତାଙ୍କର ସ୍ୱତନ୍ତ୍ର



ସମାରୋହରେ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

ପରିଚୟ ରହିଛି।

କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ଏହା ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇ ସାଧାରଣରେ ଜାଗରଣ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି ବୋଲି ସୂଚନା ଦେଇଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ କିଛି ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ବବିତା ଦାସଙ୍କ ପ୍ରଶିକ୍ଷଣରେ କଳାକାରଙ୍କ ଦ୍ୱାରା ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଓ ସର୍ବାଣୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଟ୍ରଷ୍ଟି ଦିବାକର ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସଂଗଠକ ଦୁଃଶାସନ ନାୟକ, ସାଗର ମହାନ୍ତି, ରଶ୍ମିତା ଜେନା, ଫିରୋଜ ସାହୁ, ମାନସୀ ଘୋଷ, ଡ. ସୀତୁ ପ୍ରକାଶ ରଥ, ବିମଳ ଗହନ, ବାସନ୍ତୀ ହନୁମାନ, ଗୀତାଞ୍ଜଳି ମହାପାତ୍ର ଓ ସସ୍ମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ୨୪ରେ ପୁରୀ ଆସିବେ ରାଷ୍ଟ୍ରପତି

**ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର**

ପୁରୀ୧୫।୧୦(ଅଜିତ୍ କୁମାର ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୁରୀ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତି ହେବା ପରେ ଦ୍ରୌପଦୀ ମୁର୍ମୁଙ୍କ ପୁରୀକୁ ତୃତୀୟ ଗସ୍ତ ହେବାକୁ ଯାଉଛି। ୨୪ରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ। ଏହାପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ହୀରକ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗର ଅଧିକାରୀଙ୍କ ସହ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ବୈଠକ କରୁଛନ୍ତି। ୨୪ରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୦ଟା ୪୫ରେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ଠାରେ ଅବତରଣ କରିବେ। ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ କରିବା ନିମନ୍ତେ ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିବେ। ପୂର୍ବାହ୍ନ ୧୧ଟା ୨୦ରୁ ୧୧ଟା ୫୦ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ରହି ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ ଶ୍ରୀମନ୍ଦିରରୁ ଦର୍ଶନ ସାରି ମଧ୍ୟାହ୍ନ ୧୨ଟା ୧୦ରୁ ୧ଟା ପର୍ଯ୍ୟନ୍ତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ଯୋଗଦେବେ। ପରେ ପୁରୀ ରାଜଭବନରେ ବିଶ୍ରାମ ନେବା ପରେ ଅପରାହ୍ନ ୩ଟା ୨୦ରେ ପୁନର୍ବାର ତାଳବଣିଆ ହେଲିପ୍ୟାଡ୍‌ରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ସୂଚନା ମିଳିଛି। ଅପରପକ୍ଷରେ ରାଷ୍ଟ୍ରପତିଙ୍କ ଆଗମନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯିବା ସହ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି ବୋଲି ଜିଲାପାଳ ସ୍ୱାଇଁ ସୂଚନା ଦେଇ କହିଛନ୍ତି।

# ଗୋଷାଣି ଏକାଦଶୀ ସାଂସ୍କୃତିକ ଉତ୍ସବ-୨୦୨୪



ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ଗୋଷାଣି ପୂଜା କମିଟି ଆନୁକୂଲ୍ୟରେ ଗୋଷାଣି ଏକାଦଶୀ ସାଂସ୍କୃତିକ ଉତ୍ସବ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏମାର ମଠ ନିକଟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୁରୀ ଏମ୍‌ପି ସମ୍ବିତ ପାତ୍ର, ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦେବୀ ସଭାରେ ଉପସ୍ଥିତ ଥିବା ଗୋଷାଣିର ମୂର୍ତ୍ତି ଶିଳ୍ପୀ ଏବଂ ସୋଲ କାରିଗରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ଭଗବାନ ସୁଆର, ସମ୍ପାଦକ ଅନିରୁଦ୍ଧ ରାଉତ, ସଂଗଠନ ସମ୍ପାଦକ ନରେନ୍ଦ୍ର ମହାନ୍ତି ମଞ୍ଚାସୀନ ଥିଲେ। କୃଷ୍ଣମଣି ନୃତ୍ୟ କଳାପୀଠ ପକ୍ଷରୁ ଓଡ଼ିଶୀ ନୃତ୍ୟରେ ଯା’ ଦେବୀ ସର୍ବ ଭୂତେଷୁ ଏବଂ ପଦ ବନ୍ଦେ ପରିବେଷଣ କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ସୌଜନ୍ୟରୁ ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ପକ୍ଷରୁ ଭକ୍ତିସଙ୍ଗୀତ ସମାରୋହରେ ସ୍ୱନାମଧନ୍ୟ ଗାୟିକା ମାନସୀ ପାତ୍ର, ଅଜୟ କୁମାର ପାଣି, ସୁଦାମ ମହାପାତ୍ର, ଏସ୍ ନୀହାରିକା, ପ୍ରୀତିପ୍ରଜ୍ଞା, ସିଦ୍ଧିସ୍ମା ଏବଂ ପୁଷ୍ପାଞ୍ଜଳି ରଣା ପ୍ରମୁଖ କଣ୍ଠଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ବହୁହଜାର ସଂଖ୍ୟାରେ ଭକ୍ତ ଗୋଷାଣିଗୁଡ଼ିକୁ ଦର୍ଶନ କରିବା ସହ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

### ମା’ ଲକ୍ଷ୍ମୀଙ୍କ ପାଣିତୋଳା କାର୍ଯ୍ୟକ୍ରମ

କୋଣାର୍କ,୧୫।୧୦(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ମାର୍କେଟ୍ କମ୍ପ୍ଲେକ୍ସସ୍ଥିତ ମା’ ଲକ୍ଷ୍ମୀପୂଜା କମିଟି ସଭାପତି ସୁରେନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଅପରାହ୍ନରେ ମା’ଙ୍କ ପୂଜା ପାଇଁ ପାଣିତୋଳା କାର୍ଯ୍ୟକ୍ରମ ଘଣ୍ଟ, ମର୍ଦ୍ଦଳ ଓ ସଂକୀର୍ତ୍ତନ ମାଧ୍ୟମରେ ଶେଷ ହୋଇଛି। ମଙ୍ଗଳବାର ମଧ୍ୟରାତ୍ରିରୁ ମା’ଙ୍କ ପୂଜାର୍ଚ୍ଚନା ପୂଜକ ପପୁ ଭାଇନାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମକୁ ଉପସଭାପତି ଗଣେଶ ପ୍ରସାଦ ଜେନା, ସମ୍ପାଦକ ମନୋଜ ସେଠ, ସହସମ୍ପାଦକ ରୁଦ୍ରପ୍ରସାଦ ବେଉରା, କୋଷାଧ୍ୟକ୍ଷ ସ୍ୱାଧୀନ ନାୟକ, କର୍ତ୍ତାକର୍ତ୍ତ୍ରୀ ଭାବେ ସୁଶାନ୍ତ ଚିନାରା ଓ ମିନତି ସାହୁ, ଦିପୁ ଭାଇନା, ବାବୁ, ଚନ୍ଦ୍ରଶେଖର, ଶିବରାମ ରାୟ, ଅଭୟ, ସୁମନ୍ତ, ତ୍ରିଲୋଚନ ରଥ, ଗୌରାଙ୍ଗ ବିଶ୍ୱାଳ, ରବି, ଦିଲୀପ, ଚୈନ, ମହେଶ୍ୱର ଖୁଣ୍ଟିଆ ଓ ସନାତନ ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ।

# ସିଏଚ୍‌ସି ଓ ପିଏଚ୍‌ସିରେ ବାୟୋ ମେଟ୍ରିକ ଲଗାଇବା ପାଇଁ ଦାବି

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ଗୁଡ଼ିକରେ ବର୍ତ୍ତମାନ ଚାଲିଥିବା ଖାତା ଉପସ୍ଥାପନ ବ୍ୟବସ୍ଥା ବନ୍ଦ କରିବାକୁ ଦାବି କରି ସାମାଜିକ କର୍ମୀ ଦିଲୀପ ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସାମାଜିକ କର୍ମୀ ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଜିଲାର ଅନେକ ଗାଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଏବେ ବି ଖାତା ଉପସ୍ଥାପନ ଚାଲୁରହିଛି। ଫଳରେ ଡାକ୍ତର ଓ କର୍ମଚାରୀମାନେ ସବୁଦିନ କାର୍ଯ୍ୟ ନ କରି ମଧ୍ୟ ଉପସ୍ଥାନ ଖାତାରେ ସବୁଦିନ ଉପସ୍ଥିତ ଥିବା ନେଇ ଦସ୍ତଖତ କରୁଛନ୍ତି। ଡାକ୍ତରମାନେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସପ୍ତାହକୁ ୨ କିମ୍ବା ୩ଦିନ ଆସି ଅନ୍ୟଦିନମାନଙ୍କରେ ଅନୁପସ୍ଥିତ ରହୁଛନ୍ତି। କାର୍ଯ୍ୟରେ ସବୁଦିନ ଉପସ୍ଥିତ ରହୁଥିବା ଦର୍ଶାଉଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନେକ ଡାକ୍ତର ସପ୍ତାହକୁ ଗୋଟିଏ କିମ୍ବା ଦୁଇ ଦିନ କାର୍ଯ୍ୟକରି ସବୁଦିନ କାର୍ଯ୍ୟ କରୁଥିବା ନେଇ ଉପସ୍ଥାପନ ଖାତାରେ ଦସ୍ତଖତ କରୁଛନ୍ତି। ଫଳରେ ରୋଗୀମାନେ ଉତ୍ତମ ଚିକିତ୍ସା ନ ପାଇ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ଡାକ୍ତର ଓ କର୍ମଚାରୀ କାର୍ଯ୍ୟରେ ଠକୁଛନ୍ତି। ତେଣୁ ଏପରି କାର୍ଯ୍ୟକୁ ରୋକିବା ନିମନ୍ତେ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବାୟୋମେଟ୍ରିକ ମେଶିନ ତୁରନ୍ତ ଲଗାଇବା ପାଇଁ ଦାବି କରିଛନ୍ତି।

# ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ହେଉ ଶୀତତାପ ନିୟନ୍ତ୍ରିତ

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ରଙ୍ଗମଞ୍ଚର ପ୍ରାଣକେନ୍ଦ୍ର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଏକପ୍ରକାର ଅବ୍ୟବସ୍ଥାରେ ପଡ଼ିରହିଛି। ପ୍ରଚଣ୍ଡ ରୌଦ୍ରତାପରେ ଟିଣଛପର ପ୍ରେକ୍ଷାଳୟ ଜଳୁଛି। ରାତି ୧୧ଟା ଯାଏଁ ଭିତରେ ପଶି ହେଉନି। ଏଣୁ ନାଟକରୁ ଦର୍ଶକ ମୁହଁ ଫେରାଉଛନ୍ତି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ଶୀତତାପ ନିୟନ୍ତ୍ରିତ କରିବାକୁ ଅନେକଥର ଦାବି ହେବା ପରେ ସଂସ୍କୃତି ବିଭାଗ ୧୦ଟି ଏୟାର କଣ୍ଡିଶନର୍ ଓ ଆବଶ୍ୟକ ମିଟର ଏବଂ ବୈଦ୍ୟୁତିକ ସରଞ୍ଜାମ ବାବଦ ଖର୍ଚ୍ଚ ପାଇଁ ଟଙ୍କା କେବେଠାରୁ ଜିଲା ପ୍ରଶାସନକୁ ପଠାଇସାରିଛି, ହେଲେ ଏବେ ସୁଦ୍ଧା ତାହାର ଉପଯୋଗ ହୋଇପାରୁ ନାହିଁ।

ଅପରପକ୍ଷରେ ବିଭିନ୍ନ ସାଂସ୍କୃତିକ, ସାହିତ୍ୟ ଓ ଧର୍ମୀୟ ସଂଗଠନମାନେ ୨୫ ହଜାର ଟଙ୍କାରେ ଶୀତତାପ ନିୟନ୍ତ୍ରିତ ଟାଉନ୍ ହଲ୍ ନେବା ଅବସ୍ଥାରେ ନାହାନ୍ତି। ଏବେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପାଇଁ ୫ହଜାର ଟଙ୍କା ଦେବାକୁ ପଡୁଛି। ଯଦି ଏହା ଶୀତତାପ ନିୟନ୍ତ୍ରିତ ହୁଏ, ତେବେ ୬ହଜାର ଦେୟ ଦେଇ ଏହା ନେବାପାଇଁ କାହାକୁ ଅସୁବିଧା ହେବନାହିଁ। ଏଣୁ ଜିଲା ପ୍ରଶାସନ ତୁରନ୍ତ ରାସ୍ତା, ଗୃହ ନିର୍ମାଣ ବିଭାଗ ମାଧ୍ୟମରେ ଓ ଜିଲା ସଂସ୍କୃତି ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ଶୀତତାପ ନିୟନ୍ତ୍ରିତ କରିବାକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ନାଟ୍ୟକାର ଡକ୍ଟର ବଦ୍ରି ମିଶ୍ର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ୪ର୍ଥ ଥର ପାଇଁ ଆଲୋଚନା କରିଛନ୍ତି। ଏହି ନିକଟରେ ଡକ୍ଟର ମିଶ୍ରଙ୍କ ସହ ଚଳଚ୍ଚିତ୍ର ସଂଳାପକାର ଶ୍ୟାମାପ୍ରସାଦ ମିଶ୍ର, ବର୍ଷିୟାନ ନିର୍ଦ୍ଦେଶକ ପ୍ରସନ୍ନ ମିଶ୍ର, ମଧୁସୂଦନ ମିଶ୍ର, ବିକ୍ରମ ସାହୁ, ଗୋବିନ୍ଦ ମହାନ୍ତି, ବିଭୁପ୍ରସାଦ ମିଶ୍ର, ଗୌରୀ ବାରିକ, ଶ୍ୟାମପ୍ରକାଶ ସେନାପତି, ବିଶ୍ୱନାଥ ମିଶ୍ର, ଶିବ ସୁନ୍ଦର ମିଶ୍ର, ରାଜେନ୍ଦ୍ର ମିଶ୍ର ପ୍ରମୁଖ ଜିଲାପାଳଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ପୁରୀ ତଥା ପୁରୀକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ନାଟକ ମନସ୍କ କରିବା ପାଇଁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚକୁ ଯୁଦ୍ଧକାଳୀନ ଭିତ୍ତିରେ ଶୀତତାପ ନିୟନ୍ତ୍ରିତ କରିବାକୁ ଜିଲାପାଳଙ୍କ ଠାରେ ଦାବି ରଖିଛନ୍ତି ଡକ୍ଟର ମିଶ୍ର।





### ହବିଷିଆଳିଙ୍କ ସୁରକ୍ଷା ପାଇଁ ନିୟୋଜିତ ହେବେ ୨୦ ପ୍ଲାଟୁନ ଫୋର୍ସ

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

୧୮ ତାରିଖ ଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବାକୁ ଯାଉଛି। କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସହ ହବିଷିଆଳିଙ୍କ ସମାଗମ ହେବ। ହବିଷିଆଳି ବ୍ରତଧାରୀ ମା’ମାନଙ୍କ ପାଇଁ ପୁରୀ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏନେଇ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି, ହବିଷିଆଳି ମା’ମାନଙ୍କର ମନ୍ଦିର ଦର୍ଶନ, କେନ୍ଦ୍ର ତଥା ତୀର୍ଥ ପୁଷ୍କରିଣୀ ନିକଟରେ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ୨ ଅତିରିକ୍ତ ଏସ୍‌ପି, ୯ ଡିଏସ୍‌ପି, ୧୦ ଆଇଆଇସି, ୬୩ ଏସ୍‌ଆଇ/ଏଏସ୍‌ଆଇ, ୧୮ ହାବିଲଦାର, ୯୬ କନେଷ୍ଟବଳ, ୩୬ ହୋମଗାର୍ଡଙ୍କ ସହ ୨୦ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯିବ। ସେହିପରି ସହରରେ କାର୍ତ୍ତିକ ମାସରେ ଭକ୍ତଙ୍କ ପ୍ରବଳ ଗହଳି ଲାଗି ରହେ ଯାହା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୁଏ। କିପରି କାର୍ତ୍ତିକ ମାସରେ ଟ୍ରାଫିକ ସମସ୍ୟା ଶୃଙ୍ଖଳିତ ଭାବେ ପରିଚାଳିତ ହେବ ତାହା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି ଏସ୍‌ପି ଅଗ୍ରୱାଲ।

# ମହାପ୍ରସାଦ ଦର ନିୟନ୍ତ୍ରଣ କରିବାରେ ମନ୍ଦିର ପ୍ରଶାସନ ବିଫଳ





ଏଏପି ପକ୍ଷରୁ ଖବରଦାତା ସମ୍ମିଳନୀ ।

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

ଦିନକୁ ଦିନ ମହାପ୍ରସାଦ ଦର ବୃଦ୍ଧି ହେଉଥିବା ନେଇ ଏଏପି ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଏପି ପକ୍ଷରୁ କୁହାଯାଇଛି, ମହାପ୍ରସାଦ ଲୋକଙ୍କ ଭାବନା ସହ ଜଡ଼ିତ। ମହାପ୍ରସାଦ ବର୍ତ୍ତମାନ ଯେଉଁ ଦରରେ ଦିଆଯାଇଛି, ତାହା ଜଣେ ସାଧାରଣଲୋକ ପାଇଁ ଭରଣ କରିବା କଷ୍ଟକର ହୋଇଯାଉଛି, ମହାପ୍ରସାଦର ସେଟ୍ ୫୫୦୦ରୁ ୬୦୦୦ ଥିବାବେଳେ ଘିଅର ବ୍ୟବହାରକୁ ନେଇ ଏବେ ତା’ର ଦର ୬୫୦୦ରୁ ୭୦୦୦ ହେଇଯାଇଛି। ଏପରି ଦରବୃଦ୍ଧିକୁ ସରକାର ଓ ମନ୍ଦିର ପ୍ରଶାସନ ନିୟନ୍ତ୍ରଣ କରିବାରେ ବିଫଳ ହେଇଛନ୍ତି। ତେଣୁ ଯଦି ଘିଅ ସକାଶେ ଦର ବୃଦ୍ଧି ହେଉଛି ତେବେ ସରକାର ସବ୍‌ସିଡ ଦିଅନ୍ତୁ। ମନ୍ଦିରର ମହାପ୍ରସାଦ ପାଇଁ ଏକ ଆର୍ ଆଣ୍ଡ ଡି ପ୍ରତିଷ୍ଠା କରାଯାଉ। ଓପନ ମାର୍କେଟ ସିଷ୍ଟମ ଅଣାଯାଉ। ଏହି ଘିଅ ପାଇଁ ଏକ କମିଟି କରାଯାଉ, ଯେଉଁଥିରେ ସୁଆର ନିଯୋଗ, ମନ୍ଦିର କମିଟି, ଅଧିକାରୀ, ପୁରୀର ବିଶିଷ୍ଟ ବ୍ୟକ୍ତିଙ୍କୁ ରଖାଯାଉ। ଡିପୋରୁ ମନ୍ଦିର ଗୋଦାମକୁ ଘିଅ ଗଲେ ଆଉ ବାହାରକୁ ଯଦି ଅଣାଯିବ ସେଥିପାଇଁ ବହୁତ ସର୍ତ୍ତ ରହୁ। ଏହି ସବୁ ବିଷୟରେ ସରକାର ଆଲୋଚନା କଲେ ନିଶ୍ଚିତ ଦର କମିବ, ପରିଚାଳନା ମଧ୍ୟ ଉତ୍ତମ ରହିବ, ନଚେତ ଆଗାମୀ ଦିନରେ ଘିଅକୁ ନେଇ ବଡ଼ ସ୍କାମ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଖବରଦାତା ସମ୍ମିଳନୀରେ ଜିଲା ସଭାପତି ସଞ୍ଜୀବ ମହାନ୍ତି, ଯୁବ ସମ୍ପାଦକ ଜନ୍ମେଜୟ ଜେନା, ଦେବ ପ୍ରଧାନ ଓ ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସମାଚାର ପକ୍ଷରୁ ବିଶ୍ୱ ବିଦ୍ୟାର୍ଥୀ ଦିବସ

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବ୍ଦୁଲ କଲାମଙ୍କ ଜୟନ୍ତୀରେ ଶିଶୁ ସମାଚାର ପକ୍ଷରୁ ସୁଖଲତା ସ୍ମୃତି ବାଳିକା ବିଦ୍ୟାଳୟରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ କର, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର, ପୁଷ୍ପିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ଚକ୍ରଧର ମହାପାତ୍ର ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଶିଶୁ ସମାଚାର ଅକ୍ଟୋବର ସଂଖ୍ୟା ଉନ୍ମୋଚନ ହୋଇଥିଲା। କଠୋର ପରିଶ୍ରମ, ନିଷ୍ଠା, ସଂକଳ୍ପ ଦ୍ୱାରା ସଫଳତା ମିଳେ। ସ୍ୱପ୍ନ ଦେଖ, ଯାହା ତୁମକୁ ରାତିରେ ଶୁଆଇ ଦେବନାହିଁ। ତେଣୁ କଲାମଙ୍କ ପରି ହେବାକୁ ଚେଷ୍ଟାକର ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ବରେ ଅବ୍ଦୁଲ କଲାମଙ୍କ ଜୀବନୀ ଉପରେ ପ୍ରଶ୍ନମଞ୍ଚରେ ପିଲାମାନଙ୍କୁ ପ୍ରଶ୍ନ ଦ୍ୱାରା ଉତ୍ତର ପାଇବାକୁ ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ ଓ ଅନ୍ନପୂର୍ଣ୍ଣା ରଥ ସଂଯୋଜନା କରିଥିଲେ। ଠିକ୍ ଉତ୍ତର ଦେଇଥିବା ପିଲାଙ୍କୁ କଲାମଙ୍କ ଜୀବନୀ ବହି ପୁରସ୍କାର ଦିଆଯାଇଥିଲା। ପୂର୍ବରୁ କଲାମଙ୍କ ଉପରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ପରିଚାଳନା ମଣ୍ଡଳୀ ସଦସ୍ୟ ଶିବ ସୁନ୍ଦର ମିଶ୍ର ଧନ୍ୟବାଦ ଦେଇଥିଲେ।





ବିଶ୍ୱ ବିଦ୍ୟାର୍ଥୀ ଦିବସ ଅବସରରେ ଅତିଥି ଓ କୃତୀ ପ୍ରତିଯୋଗୀମାନେ ।

# ୧୭ରୁ ୩ ଦିନିଆ କୁମାରୋତ୍ସବ

**୫୭ତମ କୁମାର ଉତ୍ସବ ନେଇ ଖବରଦାତା ସମ୍ମିଳନୀ**

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତି ପକ୍ଷରୁ ୫୭ତମ କୁମାର ଉତ୍ସବ ୧୭, ୧୮, ୧୯ ତାରିଖ ୩ ଦିନ ଧରି ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ପରିପ୍ରେକ୍ଷୀରେ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ମଙ୍ଗଳବାର ଭକ୍ତ ସାଲବେଗ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ପଣ୍ଡା, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ଚକ୍ରଧର ମହାପାତ୍ର, ଅମରେନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ‘ଶ୍ରୀକ୍ଷେତ୍ର କୁମାରୀ ଓ ଶ୍ରୀକ୍ଷେତ୍ର କୁମାର’ ସମ୍ମାନ ପ୍ରଦାନ କରାଯିବ।

ଚଳିତବର୍ଷ ମଦର୍ସ ପବ୍ଲିକ ସ୍କୁଲର





ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ।

ଶିବାଙ୍ଗୀ ମହାପାତ୍ରଙ୍କୁ ଶ୍ରୀକ୍ଷେତ୍ର କୁମାରୀ ଏବଂ ଶ୍ରୀକ୍ଷେତ୍ର କୁମାର ଭାବେ ଡିଏଭି ପବ୍ଲିକ ସ୍କୁଲର ଛାତ୍ର ପ୍ରୟାଗ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯିବ। ସେହିପରି ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଦ୍ୱିତୀୟ ଏବଂ ତୃତୀୟ ଦିବସରେ ପୁରସ୍କୃତ କରାଯିବା ସହିତ ଓଡ଼ିଶାର ପ୍ରତିଷ୍ଠିତ ସ୍ତମ୍ଭକାର ହରିଶଙ୍କର ମିଶ୍ର ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସନ୍ଧ୍ୟାରେ ମୋଢ଼ ନୃତ୍ୟ, ସଙ୍ଗୀତ ରୂପକ କୁମାର ପୁନେଇ ଜହ୍ନ, ନୃତ୍ୟ ବିଚିତ୍ରା, ତ୍ରିନେତ୍ରା ଦଶଭୁଜା, ସମ୍ବଲପୁରୀ ନୃତ୍ୟ, ଆଦିବାସୀ କୁଇ ନୃତ୍ୟ ପ୍ରଦର୍ଶନ କରାଯିବ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଚକାଜହ୍ନ କେଡ଼େ ଝିଲିମିଲି, ମରାଠୀ ନୃତ୍ୟ, ନାଟକ ‘ଉତ୍ତରାଧିକାରୀ’ ମଞ୍ଚସ୍ଥ ହେବା ସହିତ ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଇରା ମହାନ୍ତି ଏବଂ ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସରସ୍ୱତୀ ପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ରତନ କୁମାର ଦାସ, ସୁକାନ୍ତ ପଣ୍ଡା, ଗୌରୀଶଙ୍କର ସାମନ୍ତରାୟ ଏବଂ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ପାଲିଏଟିଭ୍ କେୟାର ଦିବସ ପାଳିତ**

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ହସ୍ପିସ୍ ଓ ପାଲିଏଟିଭ୍ କେୟାର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଦୀପକ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ଡା. ରେଖା ଦାସ ଯୋଗରେ ଉକ୍ତ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପାଲିଏଟିଭ୍ ବିଭାଗର ମୁଖ୍ୟ ଡା. ସୁମିତା ମହାନ୍ତି ସ୍ୱାଗତ ଭାଷଣ ଦେଉଥିବାବେଳେ ବିଭାଗୀୟ ଡାକ୍ତର ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ ପାଲିଏଟିଭ୍ ବିଭାଗର କର୍ମଚାରୀଙ୍କ ଦ୍ୱାରା ଏକ ନାଟକ ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ଶାରଦୀୟ କବିତା ପାଠୋତ୍ସବ

କଟକ ସଦର,୧୫।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ବିରିବାଟୀସ୍ଥିତ ସାହିତ୍ୟ ସପର୍ଯ୍ୟା କାର୍ଯ୍ୟାଳୟରେ ଶାରଦୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆକାଶବାଣୀର ଗୀତିକାର ଓ ନାଟ୍ୟକାର ସ୍ୱର୍ଗତ ଶ୍ରୀନିବାସ ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗ ଏହି କବିତା ପାଠୋତ୍ସବରେ ଶାରଳା ସାହିତ୍ୟରେ ମାତୃଶକ୍ତିର ବୈଶିଷ୍ଟ୍ୟତା ଉପରେ କବୟିତ୍ରୀ ଓ କବିମାନେ ଆଲୋଚନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଡ. କମଳାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କବିତା ପାଠୋତ୍ସବରେ ଡ. ସୁବାସ ଚନ୍ଦ୍ର ବିଶ୍ୱାଳ, ନୀଳକଣ୍ଠ ରାଉତ, ପୀତାମ୍ବର ମହାପାତ୍ର, କବୟିତ୍ରୀ ଗୀତାଞ୍ଜଳି ପୃଷ୍ଟି, ଡ. ବସନ୍ତମଞ୍ଜରୀ ନନ୍ଦ, ଚୈତନ୍ୟ ରାଉତ, ପ୍ରମୋଦ ଦଳାଇ, ବିଭୂତି ଭୂଷଣ ପାତ୍ର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ବିଧୁଭୂଷଣ ମହାନ୍ତି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

### ଭସାଣିରେ ଡିଜେ ବଜାଇବାରୁ ୫୦ ହଜାର ଜରିମାନା

ସାଲେପୁର,୧୫।୧୦(ଅରବିନ୍ଦ ଭୂୟାଁ)

ଦୁର୍ଗା ଭସାଣିରେ ଡିଜେ ବଜାଇ ଶବ୍ଦ ପ୍ରଦୂଷଣ କରିବା ଅଭିଯୋଗରେ ସାଲେପୁର ପୋଲିସ ୨ଟି ଡିଜେ ଜବତ କରି ମାଲିକଙ୍କଠାରୁ ୫୦ହଜାର ଟଙ୍କା ଜରିମାନା ଆଦାୟ କରିଛି। ପାର୍ବଣ ଋତୁରେ ଶବ୍ଦ ପ୍ରଦୂଷଣ ରୋକିବାପାଇଁ ସରକାର ଏହା ଉପରେ ନିଷେଧାଦେଶ ଜାରି କରିଥିବାବେଳେ କେତେକ ପୂଜା କମିଟି ସାଲେପୁର ଅଞ୍ଚଳରେ ଅନୁଷ୍ଠିତ ହୋଇଥିବା ଦୁର୍ଗାଭସାଣିରେ ଡିଜେ ବଜାଇ ଶବ୍ଦ ପ୍ରଦୂଷଣ କରିଥିଲେ। ଏହି ଅଭିଯୋଗରେ ସାଲେପୁର ପୋଲିସ ୨ଟି ଡିଜେ ଗାଡ଼ିକୁ ଜବତ କରିବା ସହ କଟକ ଏମ୍‌ଭିଆଇଙ୍କୁ ଖବର ଦେଇଥିଲେ। କଟକ ଏମ୍‌ଭିଆଇ ସାଲେପୁର ଥାନାରେ ପହଞ୍ଚି ଉଭୟ ଡି.ଜେ. ଗାଡ଼ିକୁ ଯାଞ୍ଚ କରି ଜଣଙ୍କଠାରୁ ୧୨ହଜାର ଓ ଅନ୍ୟଜଣଙ୍କ ଠାରୁ ୩୮ହଜାର ଏପରି ମୋଟ୍ ୨ଟି ଗାଡ଼ିରୁ ୫୦ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହାପରେ ଉଭୟ ଡିଜେ ଗାଡ଼ି ଛାଡିଦିଆଯାଇଛି ବୋଲି ସାଲେପୁର ଥାନା ସୂତ୍ରରୁ ଜଣାଯାଇଛି। ଆଗାମୀ ଦିନରେ କୌଣସି ପୂଜାପର୍ବାଣୀରେ ଯେପରି ଡିଜେ ନ ବାଜିବ ସେ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପୋଲିସ କହିଛି। ଯେଉଁ ଅନୁଷ୍ଠାନ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରିବ, ସେମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯିବ ବୋଲି ପୋଲିସ କହିଛି।

### ମନ୍ଦିରରୁ ଚୋରି: ଅଭିଯୁକ୍ତ ଗିରଫ

ଆଠଗଡ,୧୫।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ ଥାନା ଅନ୍ତର୍ଗତ କଟକିଆସାହି ପଞ୍ଚାୟତର ସର୍ବେଶ୍ୱର ମନ୍ଦିରରେ ସୋମବାର ରାତିରେ ଟଙ୍କା ଚୋରି ହୋଇଥିଲା। ମନ୍ଦିରର ପୂଜକ ମନୋରଞ୍ଜନ ଦାଶ ଏନେଇ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମାଣିଆବନ୍ଧ ଥାନା ଅନ୍ତର୍ଗତ ମାନପୁର ଗ୍ରାମର ଦିଲୀପ ଦେହୁରୀ (୪୦) ଓରଫ ଜଙ୍ଗଲି। ପୋଲିସ ତାଙ୍କଠାରୁ ନଗଦ ଅର୍ଥ ଜବତ କରିଛି। ଏନେଇ ଥାନାରେ ପୋଲିସ ମାମଲା (ନଂ. ୩୦୯/୨୪) ରୁଜୁ କରିଛି।

# ୩ ମେଡିକାଲରେ ନାହାନ୍ତି ସ୍ଥାୟୀ ଅଧୀକ୍ଷକ

**ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କଟକକୁ ଅବହେଳା**

କଟକ,୧୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଛନ୍ତି। ଉନ୍ନତମାନର ଚିକିତ୍ସା ଯୋଗାଇଦେବା ସହ ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ହେଲେ କଟକର ୩ ପ୍ରମୁଖ ସରକାରୀ ମେଡିକାଲ(ଜିଲା ମୁଖ୍ୟ ଚିକିତ୍ସାଳୟ ବା ସିଟି ହସ୍ପିଟାଲ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି) ଓ ଶିଶୁଭବନ)ରେ ଦୀର୍ଘଦିନ ହେବ ସ୍ଥାୟୀ ଅଧୀକ୍ଷକ ନାହାନ୍ତି। ଫଳରେ ମେଡିକାଲରେ ବିଭିନ୍ନ ନିଷ୍ପତ୍ତି ଓ ପଦକ୍ଷେପ ନେବା ପାଇଁ ଅସୁବିଧା ହେଉଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ କଟକକୁ ଅବହେଳା କରିବା ନେଇ ରୋଗୀ ସମ୍ପର୍କୀୟ ଓ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ସିଟି ହସ୍ପିଟାଲରେ ଅଧୀକ୍ଷକ ଦାୟିତ୍ୱ ତୁଲାଉଥିବା ପ୍ରଫେସର ଡା. ସୁଧାଂଶୁ କୁମାର ଗିରିଙ୍କ କାର୍ଯ୍ୟକାଳ ଗତ ଏପ୍ରିଲରେ ଶେଷ ହୋଇଥିଲା। ଏହାପରେ ଡିଷ୍ଟ୍ରିକ୍ଟ ମେଡିକାଲ ଅଫିସର(ମେଡିକାଲ ସର୍ଭିସ୍) ଡା. ଅରୁଣ କୁମାର ସାହୁଙ୍କୁ ଅସ୍ଥାୟୀ ଭାବେ ଅଧୀକ୍ଷକ ଦାୟିତ୍ୱ ଦିଆଯାଇଛି। ଇତିମଧ୍ୟରେ ୬ ମାସ ବିତିଯାଇଥିବାବେଳେ ଏଠାରେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ହୋଇପାରିନାହିଁ। ସେହିପରି ଏସ୍‌ସିବି ମେଡିକାଲରେ ଅଧୀକ୍ଷକ ଦାୟିତ୍ୱ ତୁଲାଉଥିବା ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ରଙ୍କ କାର୍ଯ୍ୟକାଳ ଗତ ଅଗଷ୍ଟରେ ଶେଷ ହୋଇଛି। ଏହାପରେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସଙ୍କୁ ଅସ୍ଥାୟୀ ଭାବେ ଅଧୀକ୍ଷକ ଦାୟିତ୍ୱ ଦିଆଯାଇଛି। ହେଲେ ଏପର୍ଯ୍ୟନ୍ତ ଏଠାରେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି କରା ନ ଯିବାରୁ ବିଭିନ୍ନ ସମସ୍ୟାର ସମାଧାନ ହେବାରେ ଅସୁବିଧା ହେଉଛି। ଅପରପକ୍ଷେ ଶିଶୁଭବନରେ ଅଧୀକ୍ଷକ ଭାବେ ପ୍ରଫେସର ଡା. ପ୍ରଦୀପ କୁମାର ଜେନା ଦାୟିତ୍ୱ ତୁଲାଉଥିବାବେଳେ ଗତ ସେପ୍ଟେମ୍ବରରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରେ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଯାଇଛି।

ସିଟି ହସ୍ପିଟାଲ ଉପରେ କଟକ ଜିଲାର ରୋଗୀ ନିର୍ଭର କରୁଥିବାବେଳେ ଏସ୍‌ସିବି ଓ ଶିଶୁଭବନରେ ରାଜ୍ୟର ବିଭିନ୍ନ ସ୍ଥାନର ରୋଗୀ ନିର୍ଭର କରିଥା'ନ୍ତି। ହେଲେ ରାଜ୍ୟ ସରକାର ଉପରୋକ୍ତ ୩ ହସ୍ପିଟାଲରେ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି କରିବାରେ ବିଳମ୍ବ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମକରନ୍ଦ ବେଉରା କହିଛନ୍ତି, ରାଜ୍ୟ ତମାମ୍ କୌଣସି ସ୍ଥାନରେ ଅଧୀକ୍ଷକ ପଦବୀ ପାଇଁ ନିଯୁକ୍ତି କରାଯାଇନାହିଁ। ସରକାର ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ରହିଛି। ଅପରପକ୍ଷରେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷା ପ୍ରଫେସର ଡା. ଲୁସି ଦାସଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



କଟକ ଶିଳ୍ପୀକୁମ୍ଭାର ସାହି ଅଞ୍ଚଳରେ ଜଣେ ଶିଳ୍ପୀ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାକୁ ସଜ୍ଜିତ କରୁଛନ୍ତି।

## ଭୁବନେଶ୍ୱର ଗୋଲ୍‌ଡେନ କ୍ଲବ ବିରବାସା ଚାମ୍ପିୟନ



ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌ର ଖେଳାଳିମାନେ।

**ଆନ୍ତଃରାଜ୍ୟ ଆଦିବାସୀ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଖୁଣ୍ଟୁଣୀ,୧୫।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ଅଧୀନ ମୁଷୁଳିଆ ଗ୍ରାମର ଓମ୍ ମା' ବନଦୁର୍ଗା ବିର୍ସା ମୁଣ୍ଡା ଯୁବକ ସଂଘ ପକ୍ଷରୁ ଗତ ୧୧ତାରିଖରୁ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ଆନ୍ତଃରାଜ୍ୟ ଆଦିବାସୀ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଟକର ଜୁନିୟର ୟୁନାଇଟେଡ୍ କ୍ଲବ୍‌କୁ ଟାଇବ୍ରେକରରେ ପରାସ୍ତ କରି ଭୁବନେଶ୍ୱରର ଗୋଲ୍‌ଡେନ୍ କ୍ଲବ୍ ବିରବାସା ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ କଟକ, ଢେଙ୍କାନାଳ, ଖୋର୍ଦ୍ଧା, ମୟୂରଭଞ୍ଜ ଓ ଯାଜପୁର ଜିଲାର ମୋଟ୍ ୩୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଗ୍ରାମ ମୁରବି ରୂପ ନାରାୟଣ ପୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ଦିଶୁମ ହୋ ସମାଜର ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ସାଣ୍ଡିଲ, ସମ୍ମାନିତ ଅତିଥି ଭାବେ ସହଦେବ ମୁର୍ମୁ, ତୁରାମ କୁଇଙ୍କାଲ, ସୁଧୀର କୁମାର ପରିଡ଼ା, ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ରେଫରି ସଞ୍ଜୀବ କୁମାର ଦାଶ, ସହଯୋଗୀ ଦିଗ୍‌ବିଜୟ ଦାଶ, ମାତା ସିଙ୍କୁ ଓ ଲକି ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ଓମ୍ ମା' ବନଦୁର୍ଗା ବିର୍ସା ମୁଣ୍ଡା ଯୁବକ ସଂଘ ସଭାପତି ବିଶ୍ୱଜିତ୍ ବାରିକ, ସମ୍ପାଦକ ଦାଶରଥି ପୂର୍ତ୍ତି, ଭାସ୍କର ବାରିକ, ଉପସଭାପତି ଶିବରାମ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା।

## ମିଥ୍ୟା ଖବର ପରିବେଷଣ ନ କରିବାକୁ ଚେତାବନୀ

କଟକ ସଦର,୧୫।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ କଳପଡ଼ାଠାରେ ରବିବାର ଭାଜପା ପକ୍ଷରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟରେ ଦଳର ୨ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଥିବା ଖବର ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏନେଇ ମଙ୍ଗଳବାର ବେଣ୍ଟକାରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପାର ୪୨ ମୌଜା ମଣ୍ଡଳ ସଭାପତି ପୀୟୁଷ ରଞ୍ଜନ ପରିଡ଼ା କହିଛନ୍ତି, ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବର ସମ୍ପୂର୍ଣ୍ଣ ମିଥ୍ୟା। ଆଗାମୀ ଦିନରେ ଏହି ଖବର ପ୍ରସାର ନ କରିବା ଓ ଏଥିରେ ସହଯୋଗ କରିଥିବା ବିରୋଧୀ ଗୋଷ୍ଠୀ ଏଭଳି ନ କରିବାକୁ ସେ ଚେତାବନୀ ଦେଇଛନ୍ତି। କଟକ ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଶୁଭନ୍ୟାସ ମହାନ୍ତି କହିଛନ୍ତି, କଳପଡ଼ା କଲ୍ୟାଣ ମଣ୍ଡପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଶେଷ ହୋଇଥିଲା। ଏହାଛଡ଼ା ଚଳିତବର୍ଷ ଦଳୀୟ ସଭ୍ୟ ସଂଗ୍ରହ ଅଭିଯାନରେ ରାଜ୍ୟରେ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ତୃତୀୟ ସ୍ଥାନ ଅଧିକାର କରିଛି। ତେଣୁ ବିରୋଧୀ ଦଳ ଏହାକୁ ସହ୍ୟ କରିପାରୁନାହାନ୍ତି ବୋଲି ମହାନ୍ତି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଚନ୍ଦ୍ରଶେଖର ପତିଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆସାମରୁ ନିଖୋଜ ନାବାଳିକା ଟ୍ରେନ୍‌ରୁ ଉଦ୍ଧାର

**ଚେନ୍ନାଇରେ ଥିବା ପ୍ରେମିକଙ୍କ ନିକଟକୁ ଯାଉଥିଲେ**

କଟକ,୧୫।୧୦(କାର୍ତ୍ତିକ ସାହୁ)

ଆସାମରୁ ନିଖୋଜ ଜଣେ ନାବାଳିକାଙ୍କୁ କଟକ ଆର୍‌ପିଏଫ୍ ଟ୍ରେନ୍‌ରୁ ଉଦ୍ଧାର କରିଛି। ପୂର୍ବ ସୂଚନା ଆଧାରରେ ଶିଲହଟ୍-ତମ୍ବାରମ ଏକ୍ସପ୍ରେସ୍ ଟ୍ରେନ୍ କଟକ ରେଳଷ୍ଟେଶନରେ ପହଞ୍ଚିବା କ୍ଷଣି ଆର୍‌ପିଏଫ୍ ଅଧିକାରୀମାନେ ନାବାଳିକାଙ୍କୁ ଖୋଜି ଠାବ କରିଥିଲେ। ପରେ ଆସାମରୁ ପରିବାର ଲୋକଙ୍କୁ ଡକାଇ ମଙ୍ଗଳବାର ନାବାଳିକାଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ନାବାଳିକାଙ୍କ ନିଖୋଜ ପଛରେ ଚେନ୍ନାଇରେ ଥିବା ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କହିଁ କାରଣ ବୋଲି ଆର୍‌ପିଏଫ୍ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ସୂଚନାନୁସାରେ, ଆର୍‌ପିଏଫ୍ କଣ୍ଟ୍ରୋଲ ଜରିଆରେ କଟକ ଆର୍‌ପିଏଫ୍ ଜଣେ ନାବାଳିକାଙ୍କ ନିଖୋଜ ନେଇ ଗତ ୧୨ ତାରିଖ ଅପରାହ୍ନ ପ୍ରାୟ ୩ଟା ୩୦ରେ ଜାଣିବାକୁ ପାଇଥିଲା। ଆସାମ ନାଓଗାଁ ଜିଲା କାମପୁର ଥାନା ଅନ୍ତର୍ଗତ ଗରୁବନ୍ଧ ମିକିର ଗ୍ରାମର ୧୫ ବର୍ଷୀୟା ଏହି ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଆସାମ ଆର୍‌ପିଏଫ୍ ନିକଟରେ ଅଭିଯୋଗ ହୋଇଥିଲା। ଆର୍‌ପିଏଫ୍ କଣ୍ଟ୍ରୋଲ ପକ୍ଷରୁ ନିଖୋଜ ନାବାଳିକାଙ୍କ ଫଟୋ ଓ ମୋବାଇଲ ଲୋକେଶନ କଟକ ଆର୍‌ପିଏଫ୍‌କୁ ଦିଆଯାଇଥିଲା। ଲୋକେଶନ ଯାଞ୍ଚ ପରେ ଝାଡଖଣ୍ଡ ବରଲଖା ଅଞ୍ଚଳରେ ନାବାଳିକା ଥିବା ଜଣାପଡ଼ିଥିଲା। ଆର୍‌ପିଏଫ୍ ଆଇଆଇସି ଅନୀଲ ସିଂହ ଉକ୍ତ ନମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ ମୋବାଇଲ ସୁଇଚ୍ ଅଫ୍ ଥିଲା। ୧୨ ତାରିଖରେ ନାବାଳିକା ଜଣକ ପୁରୁଲିଆ ଓ ଟାଟା ନଗର ଜଙ୍କସନ୍ ମଧ୍ୟରେ ଥିବା ଜଣାପଡ଼ିଥିଲା। ଆସାମ ପୋଲିସ ପକ୍ଷରୁ ସମ୍ପୃକ୍ତ ନାବାଳିକାଙ୍କ ମୋବାଇଲ ଲୋକେଶନ ଠାବ କରାଯାଇଥିଲା। ଶିଲହଟ୍-ତମ୍ବାରମ ଏକ୍ସପ୍ରେସ୍ ଟ୍ରେନ୍‌ରେ ନାବାଳିକା ଜଣକ ଥିବା ଜଣାପଡିଥିଲା। କଟକ ଷ୍ଟେଶନରେ ଏହି ଟ୍ରେନ୍ ପହଞ୍ଚିବା ପରେ ଆର୍‌ପିଏଫ୍ ଆଇଆଇସି ଅନିଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଟ୍ରେନ୍‌ରେ ଯାଞ୍ଚ କରାଯାଇଥିଲା। ଯାଞ୍ଚବେଳେ ନାବାଳିକାଙ୍କୁ ସାଧାରଣ ବଗିରୁ ଉଦ୍ଧାର କରାଯାଇଥିଲା। ପରେ ତାଙ୍କୁ ଘଟଣା ସଂକ୍ରାନ୍ତରେ ପଚରାଉଚରା କରାଯାଇଥିଲା। ଚେନ୍ନାଇର ଜଣେ ଯୁବକଙ୍କ ସହିତ ସେ ସୋସିଆଲ ମିଡିଆରେ ଯୋଗାଯୋଗ କରିଥିଲେ। ପରିବାର ଲୋକଙ୍କ ଅଗୋଚରରେ ସମ୍ପୃକ୍ତ ନାବାଳିକା ଜଣକ ଘରୁ ଫେରାର ହୋଇଯାଇଥିଲେ। ଉକ୍ତ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିବା ପରେ ନାବାଳିକା ଜଣକ ଏଭଳି କରିଥିବା ଜଣାପଡିଛି।

## କଳା,ସଂସ୍କୃତିର ବିକାଶ ପାଇଁ ମିଳିତ ଉଦ୍ୟମ ଲୋଡ଼ା



ପୂଜା ମିଳନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଆଠଗଡ,୧୫।୧୦(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆଠଗଡ ବିକାଶ ପରିଷଦ ପକ୍ଷରୁ ପୂଜା ମିଳନ ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିକାଶ ପରିଷଦର ସଭାପତି ରାମ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଠଗଡ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ମାନସ ରଞ୍ଜନ ଦେବତା, ପୂର୍ବତନ ଅଗ୍ନିଶମ ଅଧିକାରୀ ଭାବଗ୍ରାହୀ ଘଡ଼ାଇ, ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ନିରଞ୍ଜନ ରଥ, ପ୍ରଫେସର ଡ. କାଳିପ୍ରସାଦ ପଟ୍ଟନାୟକ, ଅନାମିକା ଦାସ ଓ ବ୍ରହ୍ମାନନ୍ଦ ମିଶ୍ର ପ୍ରମୁଖ ଯୋଗ ଦେଇ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିବା ସହ କଳା ସଂସ୍କୃତି ଓ କ୍ରୀଡ଼ାର ବିକାଶ ପାଇଁ ସମସ୍ତଙ୍କର ମିଳିତ ଉଦ୍ୟମ ଲୋଡ଼ା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ସ୍ୱାଧୀନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସଙ୍ଗତଜ୍ଞ ଓ ବଂଶୀବାଦକ ଦୁଃଶାସନ ସ୍ୱାଇଁ, ସେବା କ୍ଷେତ୍ରରେ ଡ. କାଳି ପ୍ରସାଦ, ବୈଜ୍ଞାନିକ ଭାବେ ଓୟୁଏଟି ପ୍ରଫେସର ମନୋରଞ୍ଜନ ଶତପଥୀ, ଲେଖିକା ତଥା ଦୃଢ଼ ସଙ୍ଗଠକ ଭାବେ ଅନାମିକା ଏବଂ ସୁରକ୍ଷା ପାଇଁ ଭାବଗ୍ରାହୀଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଭାରତୀୟସ୍ତରର ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୌରଭ ଶାଶ୍ୱତ ମହାରଣାଙ୍କୁ ମେଧାବି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିକାଶ ପରିଷଦର ଉପଦେଷ୍ଟା ବିକ୍ରମ ଦାଶ ସଂଯୋଜନା କରିଥିବା ବେଳେ ପରିଷଦର ସଭ୍ୟ ନୀଳକଣ୍ଠ ଦୋରା, ପ୍ରକାଶ ଦାସ, ସତ୍ୟ ରଞ୍ଜନ ରାଉତ, ବରୁଣ ନାଏକ, ବିଶ୍ୱଜିତ ବାରିକ ପ୍ରମୁଖ ପରିଚାଳନା କରିଥିଲେ। ପରିଷଦର ସଭ୍ୟ ବିପ୍ଳବ ଦାସ ଶେଷରେ ଧନ୍ୟବାଦ ଦେଇଥିଲେ।

## ଭ୍ରାମ୍ୟମାଣ ଶୌଚାଳୟ ଉଦ୍‌ଘାଟିତ

ଚୌଦ୍ୱାର,୧୫।୧୦(ଆଶୁତୋଷ ଦାସ)

ଚୌଦ୍ୱାରରେ ବୁଧବାରଠାରୁ ଆରମ୍ଭ ହେଉଛି ପ୍ରସିଦ୍ଧ ରୂପଯାତ୍ରା। ଏଠାରେ ବହୁ ଲୋକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଚୌଦ୍ୱାର ପୌରପାଳିକା ପକ୍ଷରୁ ଯାତ୍ରାପଡ଼ିଆରେ ଏକ ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ବିଧାୟକ ସୌଭିକ୍ ବିଶ୍ୱାଳ ମଙ୍ଗଳବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏଥିସହ ପୌରପାଳିକା ତରଫରୁ କ୍ରୟ କରାଯାଇଥିବା ଦୁଇଟି ମଇଳା ସଫେଇ ଗାଡ଼ିକୁ ବିଧାୟକ ଉଦ୍‌ଘାଟନ କରିବା ସହ ପୌରପାଳିକା କାର୍ଯ୍ୟାଳୟର ନବୀକରଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ବିଜେଡି ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ଯାତ୍ରା କମିଟି ସମ୍ପାଦକ ନାରାୟଣ ସ୍ୱାଇଁଙ୍କ ସମସ୍ତ କାଉନ୍‌ସିଲର ଓ ପୌର କର୍ମଚାରୀ ଯୋଗଦେଇଥିଲେ।

## ଲୋକଙ୍କୁ କାମୁଡୁଥିବା ମାଙ୍କଡ଼କୁ କାବୁ କଲା ବନ ବିଭାଗ

**ଟ୍ରାଙ୍କୁଲାଇଜ୍ ପରେ ଜଙ୍ଗଲରେ ଛଡ଼ାଗଲା**

ଖୁଣ୍ଟୁଣୀ,୧୫।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଘଣ୍ଟିଖାଲ ଗ୍ରାମର ବିଭିନ୍ନ ସାହିରେ ଉପଦ୍ରବ କରୁଥିବା ଏକ ମାଙ୍କଡ଼କୁ ମଙ୍ଗଳବାର କାବୁ କରାଯାଇଛି। କିଛିଦିନ ହେଲା ଏହି ମାଙ୍କଡ଼ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ପଳାଇ ଆସି ଘଣ୍ଟିଖାଲ-ନିଧିପୁର ଗ୍ରାମର ପ୍ରାୟ ୧୦ଜଣ ଲୋକଙ୍କୁ କାମୁଡି କ୍ଷତାକ୍ତ କରିଛି। ମାଙ୍କଡ଼ ଭୟରେ ଛୋଟପିଲାଙ୍କଠାରୁ ବୟସ୍କ ଲୋକେ ଆତଙ୍କିତ ଅବସ୍ଥାରେ ଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କ ନିକଟରେ ଅଭିଯୋଗ କରିଥିଲେ। ବନାଞ୍ଚଳ ଅଧିକାରୀ ସାହୁ ଘଣ୍ଟିଖାଲ ଗ୍ରାମରେ ପହଞ୍ଚି ମାଙ୍କଡ଼ର ଗତିବିଧି ଉପରେ ନଜର ରଖିବାକୁ ଫରେଷ୍ଟର ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମାଙ୍କଡ଼କୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ନନ୍ଦନକାନନ ଟ୍ରାଙ୍କୁଲାଇଜର ବିଶେଷଜ୍ଞଙ୍କ ସହିତ ଯୋଗାଯୋଗ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ଖୁଣ୍ଟୁଣୀସ୍ଥିତ ଆରତୀ ଷ୍ଟିଲ କାରଖାନା ଫାଟକ ସମ୍ମୁଖ ଗଛରେ ଉକ୍ତ ମାଙ୍କଡ଼ ବସିଥିବାବେଳେ ବନାଞ୍ଚଳ ଅଧିକାରୀ ସାହୁଙ୍କ ତତ୍ତ୍ୱାବଧାନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଭେଟେରିନାରୀ ଆସିଷ୍ଟାଣ୍ଟ ତଥା ଟ୍ରାଙ୍କୁଲାଇଜ ଏକ୍ସପର୍ଟ ଦୁଷ୍ମନ୍ତ ନାୟକ, ନିଧିପୁର ବନପାଳ ସୁଶାନ୍ତ ଲେଙ୍କା, ବନରକ୍ଷୀ ସବିତା ପ୍ରଧାନଙ୍କ ସମେତ ବନ ବିଭାଗର କର୍ମଚାରୀ ପହଞ୍ଚିଥିଲେ। ଟ୍ରାଙ୍କୁଲାଇଜ୍ ପରେ ମାଙ୍କଡ଼ର ଆବଶ୍ୟକ ଚିକିତ୍ସା କରାଯାଇ ଚନ୍ଦକା ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

## ମେଲାଣି ନେଲେ ମା'ଦୁର୍ଗା

ତିଗିରିଆ, ୧୫।୧୦(ଜାଫର ଖାଁ)



ତିଗିରିଆ ବ୍ଲକ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ନୂଆପାଟଣାରେ ମା'ଦୁର୍ଗାଙ୍କ ପୂଜା ପରେ ମଙ୍ଗଳବାର ଅପରାହ୍ନରେ ଭସାଣି ଉତ୍ସବ ଆରମ୍ଭ ହୋଇଛି। ନୂଆପାଟଣାର ମଙ୍ଗଳାବଜାର, ଦୁର୍ଗାବଜାର, ଚଣ୍ଡୀବଜାର ଓ କଳାପାଟ ବଜାର ସହ ସାହୁ ମାର୍କେଟ କମ୍ପ୍ଲେକ୍ସ ମୃଣ୍ମୟୀ ମୂର୍ତ୍ତିଙ୍କୁ ପଙ୍କାଳ ଛକ ଠାରୁ କ୍ରମିକ ଅନୁଯାୟୀ ବିଭିନ୍ନ ପାରମ୍ପରିକ ବାଦ୍ୟର ତାଳେ ତାଳେ ସମସ୍ତ ବଜାର କମିଟି ସଭ୍ୟଙ୍କ ସହଯୋଗରେ କଲେଜ ଛକ ନିକଟସ୍ଥ ପୋଲିଆଠାରେ ବିସର୍ଜନ କରାଯାଇଥିଲା। ଚାରିବଜାର କମିଟି ସଭାପତି ପ୍ରକାଶ ଦାସ, ମଙ୍ଗଳାବଜାର ସଭାପତି ଜୈନୁଲ ଖାଁ, ଦୁର୍ଗାବଜାର ସଭାପତି ଚିତ୍ତରଞ୍ଜନ ସାହୁ, ସମ୍ପାଦକ ଅଭୟ ସାହୁ, ଚଣ୍ଡିବଜାର ସମ୍ପାଦକ ଧ୍ରୁବଚରଣ ଦାଶ ଓ କଳାପାଟ ବଜାର ସଭାପତି ଗଙ୍ଗାଧର ସାହୁଙ୍କ ସମେତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ପୋଲିସ ପ୍ରଶାସନ ତରଫରୁ ଆଠଗଡ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ, ତିଗିରିଆ ଆଇଆଇସି ବିକ୍ରମ କିଶୋର ଜେନା ଗୋଟିଏ ପ୍ଲାଟୁନ ଫୋର୍ସ ସହ ଶୋଭାଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ମେଲୋଡି ବନ୍ଦ ଯୋଗୁ ଭସାଣି ବାତିଲ କଲା ବ୍ୟବସାୟୀ ସଂଘ

**ଦୀର୍ଘ ବର୍ଷର ପରମ୍ପରାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ**

ନିଶ୍ଚିନ୍ତକୋଇଲି,୧୫।୧୦(ଅଶୋକ କୁମାର ମହାପାତ୍ର)

ପ୍ରତିବର୍ଷ ପରି ଚଳିତ ବର୍ଷ ଦଶହରାରେ ନିଶ୍ଚିନ୍ତକୋଇଲି ବ୍ୟବସାୟୀ ସଂଘ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥାଏ। ଏପରକି ଜାକଜମକରେ ଭସାଣି ଶୋଭାଯାତ୍ରା ମଧ୍ୟ ଆୟୋଜନ କରିଥାଏ। ଚଳିତ ବର୍ଷ ପୋଲିସ ପ୍ରଶାସନ ମେଲୋଡି ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ପରେ ବ୍ୟବସାୟୀ ସଂଘ ଭସାଣି ଶୋଭାଯାତ୍ରା ବାତିଲ କରିଛି। ଫଳରେ ଦୀର୍ଘବର୍ଷର ପରମ୍ପରାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାରେ ଥିବା ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଦଶହରା ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ପ୍ରତିବର୍ଷ ଭଳି ଚଳିତବର୍ଷ ବ୍ୟବସାୟୀ ସଂଘ ପକ୍ଷରୁ ମେଲୋଡି ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ କାର୍ଯ୍ୟକ୍ରମ ହେବା ପାଇଁ ମଞ୍ଚ ବନ୍ଧାହେବା ପରେ ହଠାତ୍ ସେଠାରେ ପୋଲିସ ପହଞ୍ଚି ମେଲୋଡି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଫଳରେ ମେଲୋଡି ବନ୍ଦ ହୋଇଯାଇଥିଲା। ଏହାପରେ ବ୍ୟବସାୟୀ ସଂଘର ଏକ ଜରୁରୀ ବୈଠକ ସଂଘ କାର୍ଯ୍ୟାଳୟରେ ଡକାଯାଇଥିଲା। ସର୍ବସମ୍ମତି କ୍ରମେ ବୁଧବାର ହେବାକୁ ଥିବା ଭସାଣି ଶୋଭାଯାତ୍ରାକୁ ସଂଘ ବନ୍ଦ କରିଦେଇଛି। ଏନେଇ ଏକ ପତ୍ର ଥାନା ଅଧିକାରୀଙ୍କୁ ଦିଆଯାଇଛି। ତେବେ ବିଧିବଦ୍ଧଭାବେ ଅନିର୍ବାର୍ଯ୍ୟ କାର୍ଯ୍ୟବଶତଃ ଶୋଭାଯାତ୍ରା ବନ୍ଦ ହୋଇଥିବା ନେଇ ପତ୍ରରେ ଉଲ୍ଲେଖ କରାଯାଇଛି। ତେବେ ବାସ୍ତବ ଚିତ୍ର କିନ୍ତୁ ଅଲଗା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସରକାର ପରିବର୍ତ୍ତନ ହେବା ପରେ ନିର୍ବାଚିତ ପ୍ରତିନିଧି ନିଜ କ୍ଷମତା ତଥା ଦମ୍ ଦେଖାଇବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି। ଏପରିକି ବଜାରର ଭସାଣି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭଣ୍ଡୁର କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପ୍ରଶାସନ ଉପରେ ଚାପ ପକାଉଥିବା ଆଲୋଚନା ହେଉଛି। ଦୀର୍ଘବର୍ଷ ହେବ ନିଶ୍ଚିନ୍ତକୋଇଲି ବ୍ୟବସାୟୀ ସଂଘ ଐକ୍ୟବଦ୍ଧ ହୋଇ ୧୩ ପୂଜା ମଣ୍ଡପକୁ ନେଇ କାର୍ଯ୍ୟକ୍ରମ କରିଆସୁଥିବାବେଳେ ଚଳିତବର୍ଷ ଏଭଳି ବିଭ୍ରାଟକୁ ନେଇ ଭକ୍ତ ଓ ବ୍ୟବସାୟୀ ମହଲରେ ନିନ୍ଦା କରାଯାଇଛି। ଆଗାମୀ ଦିନରେ ଚକ୍ରାନ୍ତକାରୀଙ୍କୁ ଉଚିତ ଜବାବ ଦିଆଯିବ ବୋଲି କେତେଜଣ କର୍ମକର୍ତ୍ତା ନିଜ ନାମ ଗୋପନରଖି ପ୍ରକାଶ କରିଛନ୍ତି। ଏସମ୍ପର୍କରେ ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି, ରାସ୍ତା କଡ଼ରେ ମେଲୋଡି ପାଇଁ ସଂଘ ପକ୍ଷରୁ ସରକାରଙ୍କ ଅନୁମତି ପତ୍ର ନିଆଯାଇନାହିଁ। ତେଣୁ ଏହାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ୟବସାୟୀ ସଂଘ ସମ୍ପାଦକ ଜୀବନାନନ୍ଦ ଦାଶ କହିଛନ୍ତି, ପ୍ରତିବର୍ଷ ପରି ଚଳିତବର୍ଷ ନିଶ୍ଚିନ୍ତକୋଇଲି ବ୍ୟବସାୟୀ ସଂଘ ଭାଇଚାରା ସହ ସମସ୍ତ ପୂଜା ମଣ୍ଡପକୁ ଏକତ୍ରିତ କରି ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରୁଛି। ସଂଘର ସାଧ ଅନୁଯାୟୀ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ସାଜସଜ୍ଜା କରାଯାଇଥିଲା। କିନ୍ତୁ ପ୍ରଶାସନିକ କଟକଣା ପାଇଁ ଲୋକଙ୍କ ମନୋରଞ୍ଜନ କାର୍ଯ୍ୟକ୍ରମରେ ବାଧା ଉପୁଜିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୦।୨୦୨୪

| | |
|---|---|
| ୬,୪୭, ୩୩୦ ଟଙ୍କା | |
| ସୁନା | ୨୦୦ ମିଲି ଗ୍ରାମ୍ |
| ରୁପା | ୧୧୬.୧୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ବ୍ୟବହାର ହେବ ଓମ୍‌ଫେଡ ଘିଅ

### ସ୍ୱତନ୍ତ୍ର ଡିପୋ ଖୋଲିବାକୁ ଓମ୍‌ଫେଡ୍‌କୁ ଚିଠି

### କୌଣସି ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ: ମୁଖ୍ୟ ପ୍ରଶାସକ

ପୁରୀ, ୧୫।୧୦
(ଅଜିତ କୁମାର ମହାନ୍ତି)



ଶ୍ରୀମନ୍ଦିର ମଧରେ କେବଳ ଓମ୍‌ଫେଡ ଘିଅ ବ୍ୟବହାର ହେବ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। ତେବେ ଏଥିରେ ସହଯୋଗ କରିବାକୁ ଓମ୍‌ଫେଡ୍‌କୁ ଅନୁରୋଧ କରାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପାଇଁ ମଧ ଏକ ସ୍ୱତନ୍ତ୍ର ଡିପୋ ଖୋଲିବା ଲାଗି ଓମ୍‌ଫେଡ ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ମୁଖ୍ୟ ପ୍ରଶାସକ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପଠାଇଥିବା ପତ୍ରରେ ଲେଖିଛନ୍ତି ଯେ, ଶ୍ରୀମନ୍ଦିର ମଧରେ ମହାପ୍ରସାଦ ପ୍ରସ୍ତୁତି ଏବଂ ଦୀପରେ କେବଳ ଓମ୍‌ଫେଡ ଘିଅ ବ୍ୟବହାର ପାଇଁ ସ୍ଥିର ହୋଇଛି। ଏନେଇ ସମ୍ପୃକ୍ତ ନିଯୋଗଗୁଡ଼ିକ ସହ ଆଲୋଚନା ହୋଇଥିବାବେଳେ ସହମତି ପ୍ରକାଶ ପାଇଛି। ତେଣୁ ଶ୍ରୀମନ୍ଦିରରେ ଓମ୍‌ଫେଡ୍ ଘିଅର ଆବଶ୍ୟକତାକୁ ନଜରରେ ଯଥେଷ୍ଟ ଘିଅ ମହଜୁଦ ରଖିବାକୁ ପଦକ୍ଷେପ ଗ୍ରହଣ କରାଯାଉ। ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଡିପୋ କରାଗଲେ ଆବଶ୍ୟକତା ପୂରଣ ହେବା ସହ ଅପମିଶ୍ରିତ ଘିଅ ବ୍ୟବହାରକୁ ରୋକାଯାଇ ପାରିବ। ଏଥିସହିତ ଘିଅ ଦର ମଧ ହ୍ରାସ କରାଯିବାକୁ ବିଭିନ୍ନ ନିଯୋଗ ପକ୍ଷରୁ ହୋଇଥିବା ଅନୁରୋଧକୁ ଗ୍ରହଣ କରିବାକୁ ପତ୍ରରେ ମୁଖ୍ୟ ପ୍ରଶାସକ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ମଧକୁ ଓମ୍‌ଫେଡ ବ୍ୟତୀତ ଯେପରି ଅନ୍ୟ କୌଣସି ଘିଅ ପ୍ରବେଶ ନ କରେ, ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ପ୍ରଶାସକ। ତଦନୁସାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ଜଣାଇଦିଆଯାଇଛି। ଏଥିସହ ବରିଷ୍ଠ ସୁପରଭାଇଜର ଓ ଶ୍ରୀମନ୍ଦିର ସୁରକ୍ଷା ପରିଚାଳନା ଦାୟିତ୍ୱରେ ଥିବା କମାଣ୍ଡର ଏଥିପ୍ରତି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ କୌଣସି ପ୍ରକାର ବ୍ୟତିକ୍ରମକୁ ବରଦାସ୍ତ କରାଯିବ ନାହିଁ। ଅନ୍ୟକିଛି ଘିଅ ଶ୍ରୀମନ୍ଦିରକୁ ନେବାକୁ ଚେଷ୍ଟା କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସକ ସତର୍କ କରି ଦେଇଛନ୍ତି।

## ସାହିତ୍ୟିକ ଭବାନୀପ୍ରସାଦ ସିଂଙ୍କ ପରଲୋକ

ଭୁବନେଶ୍ୱର,୧୫।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ସୁସାହିତ୍ୟିକ, ସମୀକ୍ଷକ, ସ୍ତମ୍ଭକାର, ଅନୁବାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସହସଚିବ ଭବାନୀପ୍ରସାଦ ସିଂଙ୍କ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ବରଗଡ଼ ବାସଭବନରେ ପରଲୋକ ହୋଇଯାଇଛି। ବହୁଦିନ ଧରି ସେ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ରହି ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସ୍ୱର୍ଗତ ସିଂ ଓଡ଼ିଶା ସାହିତ୍ୟ ଏକାଡେମୀରେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଜଣେ ସଂସ୍କୃତିସମ୍ପନ୍ନ ସାହିତ୍ୟିକ ଭାବେ ସେ ବେଶ୍ ଜଣାଶୁଣା। ବିଭିନ୍ନ ପତ୍ରପତ୍ରିକା, ଖବରକାଗଜରେ ମଧ ସେ କାର୍ଯ୍ୟ କରିଛନ୍ତି। ଏକାଡେମୀରେ କାର୍ଯ୍ୟ କରୁଥିବା ସମୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିବା ସହ ଏଥିପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁଥିଲେ। ସ୍ୱର୍ଗତ ସିଂଙ୍କ ବିୟୋଗରେ ଚାରି ଏକାଡେମୀର ଅବସରପ୍ରାପ୍ତ ତଥା ବର୍ତ୍ତମାନର କାର୍ଯ୍ୟରତ କର୍ମଚାରୀମାନେ ଶୋକ ପ୍ରକାଶ କରିବା ସହ ତାଙ୍କ ମରଶରୀରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଆଜି ଧନଦାତ୍ରୀଙ୍କ ଧରାବତରଣ




ମା' ଗଜଲକ୍ଷ୍ମୀଙ୍କ ପୂଜା ପରିପ୍ରେକ୍ଷୀରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଟ୍ରକ୍ ପଛରେ ପିଟି ହେଲା ବସ୍: ୩ ଆହତ

ଫୁଲନଖରା,୧୫।୧୦
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ନିକଟରେ ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ବସ୍ ହେଲ୍‌ପର୍ ସମେତ ୩ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନା ପଠାଯାଇଛି। ସେମାନଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ବସ୍(ନଂ. ଓଡ଼ି୦୨ବିଏଫ୍-୧୫୮୫)ଟି ଫୁଲବାଣୀରୁ କଟକ ଅଭିମୁଖେ ଆସୁଥିଲା। ସକାଳ ପ୍ରାୟ ସାଢେ ୫ଟାରେ ଚାଳକଙ୍କ ଅସାବଧାନତା ଯୋଗୁ ବସ୍‌ଟି ସମ୍ମୁଖରେ ଯାଉଥିବା ଟ୍ରକ୍ ପଛରେ ପିଟି ହୋଇଯାଇଥିଲା। ଫଳରେ ବସ୍‌ରେ ଥିବା ପ୍ରାୟ ୧୦ ଜଣ ଯାତ୍ରୀଙ୍କ ମଧ୍ୟରୁ ୩ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ବସ୍ ଚାଳକ ଫେରାର ହୋଇଯାଇଛନ୍ତି। କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।




## କାର୍-ବାଇକ୍ ଧକ୍କା, ୨ ମୃତ

ନୟାହାଟ/ବାଣପୁର,୧୫।୧୦(ମହମ୍ମଦ ସମସୁଲ ଆରେଫିନ/ରଶ୍ମିରଞ୍ଜନ ସାହୁ/ଦିଲୀପ କୁମାର ସ୍ୱାଇଁ)

ନୟାହାଟ ଫାଣ୍ଡି ଅଧୀନ ଧୁମାଳ ଗ୍ରାମପଞ୍ଚାୟତ ଆଲୁଦଣ୍ଡା ପାଟଣା ଛକଠାରେ ଏକ ବାଇକ୍ ସହ କାର୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ବ୍ଲକ ତୋରସିଂହ ପଞ୍ଚାୟତ ଅଧୀନ ପଞ୍ଚୁଗାଁ ଗ୍ରାମର ଅଶୋକ ପ୍ରଧାନଙ୍କ ପୁଅ ସୌମ୍ୟରଞ୍ଜନ ପ୍ରଧାନ (୨୪) ଓ ରସାନନ୍ଦ ମହାପାତ୍ରଙ୍କ ପୁଅ ଲକି ମହାପାତ୍ର (୧୬)। ସୂଚନା ମୁତାବକ, ସୌମ୍ୟରଞ୍ଜନ ଓ ଲକି ଏକ ବାଇକ୍(ଓଡି ୦୨ ସିଡବ୍ଲୁ ୫୯୬୨) ଯୋଗେ ମଙ୍ଗଳବାର ଅପରାହ୍ନ ୫ଟା ସମୟରେ ଚାରିଛକ ପଟୁ ଆସୁଥିଲେ। ବ୍ରହ୍ମପୁରକୁ ଯାଉଥିବା ଏକ କାର୍ (ଓଡି ୩୩ ଏଇ ୬୫୬୯) ସହ ସେମାନଙ୍କ ଆଲୁଦଣ୍ଡା ପାଟଣା ମଧରେ ଥିବା ଅଣ୍ଡର କଲଭର୍ଟଠାରେ ଧକ୍କା ହୋଇଥିଲା। ଫଳରେ ସୌମ୍ୟରଞ୍ଜନ ଓ ଲକି ଅଚେତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ନୟାହାଟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।

# କାର୍ତ୍ତିକ ବ୍ରତକୁ ନେଇ ଦ୍ୱନ୍ଦ୍ୱ

ପୁରୀ,୧୫।୧୦(ଅଜିତ୍ କୁମାର ମହାନ୍ତି)

### ପଞ୍ଜିକାରେ ଭିନ୍ନ ତାରିଖ, ଗ୍ରହଣ କଲେନି ଜ୍ୟୋତିର୍ବିଦ୍

ପହିଲି କାର୍ତ୍ତିକ ବ୍ରତକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱୀକୃତି ପାଇଥିବା ପଞ୍ଜିକାରେ ଦ୍ୱନ୍ଦ୍ୱ ଦେଖାଦେଇଥିବା ଜଣାପଡ଼ିଛି। କୁମାର ପୂର୍ଣ୍ଣିମା ଦିନ ନା କୁମାର ପୂର୍ଣ୍ଣିମା ପରଦିନଠାରୁ କାର୍ତ୍ତିକ ହବିଷିଆଲିମାନେ ତାଙ୍କର ବ୍ରତ ଆରମ୍ଭ କରିବେ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଜ୍ୟୋତିର୍ବିଦଙ୍କ ମତରେ ଅକ୍ଟୋବର ୧୬ ଗଜଲକ୍ଷ୍ମୀ ପୂଜା, ୧୭ରେ କୁମାର ପୂର୍ଣ୍ଣିମା ଓ ୧୮ରେ କାର୍ତ୍ତିକ ବ୍ରତ ଆରମ୍ଭ। ଜିଲା ପ୍ରଶାସନ ପକ୍ଷରୁ ହବିଷିଆଳି ଯୋଜନା ମଧ ଅକ୍ଟୋବର ୧୮ରୁ ଆରମ୍ଭ ହେଉଛି। ସେହିଦିନ ଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ସହ ହବିଷିଆଳିମାନଙ୍କୁ ମହାପ୍ରସାଦ ଯୋଗାଇ ଦିଆଯିବ ବୋଲି ନୀତି ପ୍ରଶାସକ କହିଛନ୍ତି। ପହିଲି କାର୍ତ୍ତିକ ବ୍ରତ କେଉଁଦିନ ଆରମ୍ଭ କରିବେ କାର୍ତ୍ତିକ ବ୍ରତଧାରିଣୀଙ୍କ ମଧରେ ଦ୍ୱନ୍ଦ୍ୱ ଦେଖାଦେଇଛି। କୁମାର ପୂର୍ଣ୍ଣିମା ଦିନଠାରୁ ଆରମ୍ଭ ହେବ ନା କୁମାର ପୂର୍ଣ୍ଣିମା ପରଦିନ ହବିଷିଆଳିମାନେ ବ୍ରତ ପାଇଁ ସଙ୍କଳ୍ପ କରିବେ ତାକୁ ନେଇ ଉଠିଛି ପ୍ରଶ୍ନ।

କିଛି ପଞ୍ଜିକାରେ ଅକ୍ଟୋବର ୧୭ରେ କୁମାର ପୂର୍ଣ୍ଣିମା, ସୁଦର୍ଶନ ମହାପ୍ରଭୁଙ୍କ ଚାରି ଆଶ୍ରମ ବିଜେ ଓ କାର୍ତ୍ତିକ ବ୍ରତ ଆରମ୍ଭ ବୋଲି ଉଲ୍ଲେଖ କରାଯାଇଛି। କିନ୍ତୁ ପରମ୍ପରା ମୁତାବକ କୁମାର ପୂର୍ଣ୍ଣିମା ପରଦିନ ବା କାର୍ତ୍ତିକ କୃଷ୍ଣପକ୍ଷ ପ୍ରତିପଦା ତିଥିରୁ କାର୍ତ୍ତିକ ବ୍ରତ ଆରମ୍ଭ ହୁଏ। ଏଭଳି ପଞ୍ଜିକାର ଭିନ୍ନ ଭିନ୍ନ ତଥା ଅସାମଞ୍ଜସ୍ୟ ଯୋଗୁଁ କେଉଁ ଦିନ କାର୍ତ୍ତିକ ବ୍ରତ ଆରମ୍ଭ କରିବେ ହବିଷିଆଳିମାନେ ଜାଣିପାରୁନାହାନ୍ତି। ପଞ୍ଜିକାର ତିଥି, ବାର, ଯାନିଯାତ୍ରା, ଶୁଭ ତଥା ମାହେନ୍ଦ୍ର ବେଳା, ଅଶୁଭ ବେଳାକୁ ମାନି ସାଧାରଣ ଲୋକ ପୂଜାପାଠ, ଉପାସନା ଆଦି କରିଥାନ୍ତି। କିନ୍ତୁ ଅନେକ ସମୟରେ ଭିନ୍ନ ଭିନ୍ନ ପଞ୍ଜିକାରେ ଯାନି ଯାତ୍ରା ଭିନ୍ନ ଭିନ୍ନ ତାରିଖ ଉଲ୍ଲେଖକୁ ନେଇ ସନ୍ଦେହ ସୃଷ୍ଟି ହୋଇଥାଏ ବା କିପରି ସେହି ପର୍ବକୁ ପାଳନ କରିବେ ତାକୁ ନେଇ ତର୍କବିତର୍କ ଲାଗିରହେ। ଚଳିତ ବର୍ଷ କୁମାର ପୂର୍ଣ୍ଣିମା ଯେଉଁ ତାରିଖରେ ଉଲ୍ଲେଖ କରାଯାଇଛି ତା'ର ତାରିଖ ଓ ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ପାଳନ ଭିନ୍ନ ତାରିଖରେ ହେଉଥିବାରୁ ତାକୁ ସାଧାରଣ ଲୋକଙ୍କ ସମେତ ହବିଷିଆଳିମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବୁଧବାର ଗଜଲକ୍ଷ୍ମୀ ପୂଜା ଓ ଏହାର ପରଦିନ କୁମାର ପୂର୍ଣ୍ଣିମା ବ୍ରତ ପାଳନ ନେଇ ଗବେଷକମାନେ ସ୍ପଷ୍ଟ କରିଛନ୍ତି। ଫଳରେ ଶୁକ୍ରବାର ଠାରୁ ଧର୍ମ ମାସ କାର୍ତ୍ତିକ ଆରମ୍ଭ ହେଉଥିବା ହେତୁ କାର୍ତ୍ତିକ ବ୍ରତ ପାଳନ ୧୮ ଠାରୁ କରିବା ନେଇ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଶର୍ମା କହିଛନ୍ତି। ସେପଟେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗୋଟିଏ ପଞ୍ଜିକା କରିବାକୁ ପଣ୍ଡିତ ପଦ୍ମନାଭ ତ୍ରିପାଠୀ କହିଛନ୍ତି।

ପରମ୍ପରା ଓ ସଂସ୍କୃତିରେ ସମସ୍ତ ନୀତିକାନ୍ତି ମୁକ୍ତିମଣ୍ଡପ ଦ୍ୱାରା ସ୍ଥିରୀକୃତ ହୋଇଥାଏ। ଏପରିକି ପର୍ବପର୍ବାଣିଗୁଡ଼ିକରେ ବିଶେଷ ନୀତିକାନ୍ତି ସବୁ ମଧ ଛତିଶା ନିଯୋଗରେ ଆଲୋଚନା କରାଯାଇ ସ୍ଥିରୀକୃତ କରାଯାଇଥାଏ। ଭିନ୍ନ ଭିନ୍ନ ପଞ୍ଜିକା ଦ୍ୱାରା ନିର୍ଦ୍ଧାରଣ ହୋଇଥିବା ସମୟରେ ପୂର୍ବରୁ ଅନେକ ବାର ତାରତମ୍ୟ ଦେଖାଯାଇଥିବା ବେଳେ ଏହା ସାଧାରଣ ଲୋକଙ୍କୁ ଭ୍ରମିତ କରୁଥିବା ମତ ରଖିଛନ୍ତି ବରିଷ୍ଠ ସେବାୟତ। ଶ୍ରୀମନ୍ଦିର ପ୍ରଶାସନ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଯେଉଁ ପଞ୍ଜିକାକୁ ସ୍ୱୀକୃତି ମିଳିଛି, ସେଥିରେ ମଧ ଭିନ୍ନ ଭିନ୍ନ ତାରିଖ ରହିଛି ଯାହାକୁ ନେଇ ସନ୍ଦେହ ମୋଚନର ଆବଶ୍ୟକତା ରହିଥିବା ପଞ୍ଜିକାର ହରିଶଙ୍କର ମିଶ୍ର କହିଛନ୍ତି। ଶ୍ରୀମନ୍ଦିରରେ ଗୁରୁବାର କୁମାର ପୂର୍ଣ୍ଣିମା ପର୍ବ ଓ ଶୁକ୍ରବାର ଅର୍ଥାତ ୧୮ ତାରିଖ କାର୍ତ୍ତିକ ବ୍ରତ ପାଳନ କରାଯିବା ନେଇ ନୀତି ପ୍ରଶାସକ ସ୍ପଷ୍ଟ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୀପକ



@ ବିଶ୍ୱଜିତ୍



@ ନୀଳମଣି



@ ସରୋଜକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏସ୍‌ସିବିରେ ଆଇଏମ୍‌ଏ ଓଡ଼ିଶା ଶାଖାର ୧୨ ଘଣ୍ଟିଆ ଅନଶନ

କଟକ,୧୫।୧୦(ଶିଳ୍ପା ପ୍ରିୟଦର୍ଶିନୀ)

କୋଲ୍‌କାତାର ଆର୍.ଜି. କର ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାକୁ ନେଇ ସେଠାକାର ଡାକ୍ତରମାନେ ଆମରଣ ଅନଶନରେ ବସିଛନ୍ତି। ୧୦ ଦଫା ଦାବି ନେଇ ସେମାନେ ଚଳାଇଥିବା ଏହି ଅନଶନ ୯ ଦିନରେ ପହଞ୍ଚିଥିବାବେଳେ ଏକାଧିକ ଡାକ୍ତର ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ତେବେ ଏହାକୁ ସମର୍ଥନ ଜଣାଇ ମଙ୍ଗଳବାର ଏସ୍‌ସିବି ମେଡିକାଲ କଲେଜ ପରିସରରେ ଆଇଏମ୍‌ଏ ଓଡ଼ିଶା ଶାଖା ପକ୍ଷରୁ ୧୨ ଘଣ୍ଟିଆ ଅନଶନ କରାଯାଇଥିଲା। ଆଇଏମ୍‌ଏ ଓଡ଼ିଶା ଶାଖା ସମ୍ପାଦକ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ସଭାପତି ଡା.ଜୟନ୍ତ ପଣ୍ଡା, ଡା. ଦେବପ୍ରସାଦ ମହାନ୍ତି, ଡା. ପ୍ରମୋଦ ଶତପଥୀ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।




ଚାକିରି ରେଗୁଲାର କରିବା ଦାବିରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନକ୍ରମେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ କାର୍ଯ୍ୟରତ ଲେଡି ମାଟ୍ରନମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।




ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ମଙ୍ଗଳବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲେଖିକା ଜ୍ୟୋତିର୍ମୟୀଙ୍କ ପୁସ୍ତକ 'ମୁକ୍ତ ଚିନ୍ତନ: ଅମୃତମୟ ଜୀବନ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

